MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

RNI No.ODIODI/2010/33031
୧୦ମ ବର୍ଷ Volume-10
ସଂଖ୍ୟା- ୮୦ Issue- 80
ଭୁବନେଶ୍ୱର, ରବିବାର ୦୨ ଜୁନ୍ ୨୦୧୯
Bhubaneswar, Sunday 02 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com



## ସୋନିଆ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ନିର୍ବାଚିତ

ନୂଆଦିଲ୍ଲୀ, ୧।୬: ସୋନିଆ ଗାନ୍ଧୀ ଶନିବାର ଦିନ କଂଗ୍ରେସର ସଂସଦୀୟ ଦଳ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ଲୋକସଭା ନିର୍ବାଚନରେ କଂଗ୍ରେସର ନିରାଶାଜନକ ପ୍ରଦର୍ଶନ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପଦବୀ ଇସ୍ତଫା ଦେବାକୁ ଜିଦ୍ ଧରିଥିବା ବେଳେ ଶନିବାର ସକାଳ କଂଗ୍ରେସ ସଂସଦୀୟ ଦଳ ବୈଠକ ବସିଥିଲା। ସୋନିଆ ଗାନ୍ଧୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଂଗ୍ରେସର ନବନିର୍ବାଚିତ ୫୨ ଜଣ ସାଂସଦ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ସଂସଦୀୟ ଦଳ ନେତା ପାଇଁ ସୋନିଆ ଗାନ୍ଧୀଙ୍କ ନାଁ ପ୍ରସ୍ତାବ ଦେଇଥିଲେ। ଏହା ପରେ ସର୍ବସମ୍ମତି କ୍ରମେ ଶ୍ରୀମତୀ ଗାନ୍ଧୀ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ।

# ଜୁନ୍ ୩ରେ +୨ ବିଜ୍ଞାନ ଫଳ



ଭୁବନେଶ୍ୱର, ୧।୬ (ନି.ପ୍ର.): ଅନେକ ଆଶା ଓ ଆକାଂକ୍ଷା ପରେ ପ୍ରକାଶ ପାଇବ +୨ ପରୀକ୍ଷା ଫଳ। ଜୁନ୍ ୩ ଦିନ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ଭବନରେ ୧୨ଟାରେ ପ୍ରକାଶ ପାଇବ +୨ ବିଜ୍ଞାନ ପରୀକ୍ଷା ଫଳ। ଚଳିତବର୍ଷ ୯୯ ହଜାର ୧୮ ଜଣ ଛାତ୍ରଛାତ୍ରୀ +୨ ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଫଳ www.orissaresults.nic.in ଓ www.cheseodisha.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ନିଜର ରୋଲ ନମ୍ବର ଓ ରେଜିଷ୍ଟ୍ରେସନ୍ ନମ୍ବର ଦେଇ ନିଜର ପରୀକ୍ଷା ଫଳ ପାଇପାରିବେ ବୋଲି ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ +୨ ଖାତା ଦେଖାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅପ୍ରେଲ ୮ରୁ ୨୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୩ରୁ ମେ ୬ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବାତ୍ୟା ଫନି ପ୍ରଭାବ ଲାଗି ଖାତା ଦେଖାରେ ବହୁ ବିଳମ୍ବ ହୋଇଯାଇଥିଲା। ରାଜ୍ୟରେ ହୋଇଥିବା ମୋଟ ୫୮ଟି ମାନୁଆଲ ଓ ୩୬ଟି ଇ-ମୂଲ୍ୟାୟନ କେନ୍ଦ୍ରରେ ବାତ୍ୟା ପରବର୍ତ୍ତୀ ଅବହେଳା ଦେଖାଯାଇଥିଲା। ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ବାତ୍ୟା ପରବର୍ତ୍ତୀ ସମୟରେ ଅନୁପସ୍ଥିତ ରହିଥିଲେ, ସେଥିପାଇଁ ଫଳ ବାହାରିବାରେ ବିଳମ୍ବ ହୋଇଥିଲା। ଜୁନ୍ ଦ୍ୱିତୀୟ ସପ୍ତାହରେ +୨ କଳା ଓ ବାଣିଜ୍ୟ ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ପରିଷଧ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରତିଭା ପାଟିଲଙ୍କୁ ମେକ୍ସିକୋର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ, ୧।୬: ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ମିଳିଛି ବିଦେଶୀ ବ୍ୟକ୍ତିଙ୍କୁ ଦିଆଯାଉଥିବା ମେକ୍ସିକୋର ସର୍ବୋଚ୍ଚ ସମ୍ମାନ। ଭାରତରେ ମେକ୍ସିକୋର ରାଜଦୂତ ମେଲ୍ବା ପ୍ରିୟା ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇ ଇତିହାସ ରଚିଥିବା ପ୍ରତିଭା ପାଟିଲଙ୍କୁ ପୁଣେର ଏମ୍‌ସିସିଆଇଏ ଭବନରେ ପୁରସ୍କାର ପ୍ରଦାନ କରିଛନ୍ତି। ୮୫ ବର୍ଷୀୟ ଶ୍ରୀମତୀ ପାଟିଲ ଏହି ସମ୍ମାନ ପାଇବାରେ ହେଉଛନ୍ତି ଦ୍ୱିତୀୟ ରାଷ୍ଟ୍ରପ୍ରମୁଖ। ତାଙ୍କ ପୂର୍ବରୁ ଦିବଙ୍ଗତ ରାଷ୍ଟ୍ରପତି ଏସ୍. ରାଧାକୃଷ୍ଣଙ୍କୁ ଏହି ସମ୍ମାନିତ କରାଯାଇଥିଲା।

ଏହି ପୁରସ୍କାର ମେକ୍ସିକୋ କିମ୍ବା ମାନବିକତା ପାଇଁ ଉତ୍କୃଷ୍ଟ କାର୍ଯ୍ୟ ତଥା ମେକ୍ସିକୋ ଓ ଅନ୍ୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଦୃଢ଼ କରିବା ପାଇଁ ଦିଆଯାଉଥିବା ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଦିଆଯାଇଥାଏ।

# ସୂର୍ଯ୍ୟ ପାତ୍ର ବାଚସ୍ପତି ନିର୍ବାଚିତ



ଭୁବନେଶ୍ୱର, ୧।୬ (ନି.ପ୍ର.): ଷୋଡଶ ବିଧାନସଭାର ବାଚସ୍ତି ହେଲେ ସୂର୍ଯ୍ୟ ନାରାୟଣ ପାତ୍ର। ଆଜି ବିଧାନସଭାରେ ତାଙ୍କୁ ସର୍ବସମ୍ମତି କ୍ରମେ ବାଚସ୍ପତି ନିର୍ବାଚିତ କରାଯାଇଛି। ଏଥିସହ ୨୨ତମ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଶ୍ରୀପାତ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଂସଦୀୟ ବ୍ୟାପକାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସ ବିଧାୟକ ନରସିଂହ ମିଶ୍ର ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇ ବାଚସ୍ପତି ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଚସ୍ପତି ଚୟନ ନେଇ ପ୍ରସ୍ତାବ ଆଗତ ରଖିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ଆରୁଖ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ପରେ ବାଚନିକ ଭୋଟରେ ଶ୍ରୀ ପାତ୍ରଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା। ବାଚସ୍ପତି ଭାବେ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନାଁକୁ ନେଇ ଗତକାଲିଠାରୁ ଔପଚାରିକତା ଶେଷ ହୋଇଥିଲା। ବିଜେପି କିମ୍ବା କଂଗ୍ରେସ ପକ୍ଷରୁ ଏହି ପଦ ପାଇଁ କାହାରି ନାମ ଦିଆଯାଇନଥିଲା। ତେବେ ଆଜି ବାଚସ୍ପତି ନିର୍ବାଚନ ବେଳେ ଗୃହରେ ବିଜେପି ବିଧାୟକମାନେ ଅନୁପସ୍ଥିତ ଥିଲେ।

୭ ଥରର ବିଧାୟକ ସୂର୍ଯ୍ୟନାରାୟଣ ପାତ୍ର ଦିଗପହଣ୍ଡି ବିଧାନସଭାରୁ ବିଜେଡ଼ି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। ମୋହନାରୁ ସେ ଚାରିଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେଦିଗପହଣ୍ଡିରୁ ଏଥରକୁ ମିଶାଇ ତିନିଥର ନିର୍ବାଚିତ ହେଲେଣି। ବିଜେଡ଼ି ସରକାରରେ ସେ ଅନେକ ବାର ମନ୍ତ୍ରୀପଦ ଗ୍ରହଣ କରିଛନ୍ତି।

## ବାରଶହ ଡିଟୋନେଟର ଜବତ



ମାଲକାନଗିରି, ୧।୬ (ନି.ପ୍ର.): କାଲିମେଳାର ଏକ ପୋଖରୀ ନିକଟରୁ ଶନିବାର ୧୨୦୦ଟି ଡିଟୋନେଟର ଜବତ ହୋଇଛି। ବିଏସ୍‌ଏଫ୍ ଯବାନମାନେ ଆଜି ସକାଳୁ ସର୍ଚ୍ଚ ଅପରେସନ୍ କରୁଥିବା ବେଳେ ସହରଠାରୁ ଅଳ୍ପ ଦୂରରେ ଅର୍ଥାତ୍ ପଡିଆ ରୋଡ୍‌ରେ ଥିବା ପେଟ୍ରୋଲ୍ ପମ୍ପ ନିକଟରେ ପୋଖରୀ ହୁଡାରୁ ଡିଟୋନେଟରଗୁଡିକ ଜବତ ହୋଇଛି। ଡିଟୋନେଟରଗୁଡିକ ମାଓବାଦୀଙ୍କ ଦ୍ୱାରା ପୋତାଯାଇଥିବା ଅନୁମାନ କରାଯାଉଛି।

### ନନ୍ଦନକାନନରେ ନୂଆ ଅତିଥି
## ନୀଳଗିରି ବାନର ଶାବକ ଜନ୍ମ

ଭୁବନେଶ୍ୱର, ୧।୬ (ନି.ପ୍ର): ଶନିବାର ଦିନ ସ୍ଥାନୀୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଖୁଆଡ ନମ୍ବର ୫୫ (କ)ରେ ମାଈ ନୀଳଗିରି ବାନର ଗୋଟିଏ ଛୁଆ ଜନ୍ମ କରିଛି। ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ପରେ ଝାଡା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦିନ ମୃତ୍ୟୁବରଣ କରିଥିବା ନୀଳଗିରି ହନୁର ଔରସରୁ ଏ ଶାବକଟିର ଜନ୍ମ। ମାଆ ତାକୁ ପେଟତଳେ ଜାକି ରଖିଛି ଏବଂ ତା'ର ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅଛି ବୋଲି ନନ୍ଦନକାନ କର୍ତ୍ତୃପକ୍ଷମାନେ କହିଛନ୍ତି। ଚେନ୍ନାଇରେ ସାଧାରଣତଃ ଏହି ପ୍ରଜାତିର ବାନରମାନେ ଦେଖାଯାଆନ୍ତି। ବନ୍ଦାଲୁରସ୍ଥିତ ଅରିଗନାର ଚିଡିଆଖାନାରୁ ୨୦୧୭ ମସିହା ସେପ୍ଟେମ୍ବର ୨୦ ତାରିଖ ଦିନ ହଳେ ନୀଳଗିରି ବାନରଙ୍କୁ ନନ୍ଦନକାନନକୁ ଅଣାଯାଇଥିଲା। ଆଜି ଛୁଆଜନ୍ମ ହେବା ପରେ ନନ୍ଦକାନନରେ ନୀଳଗିରି ଦାନରଙ୍କ ସଂଖ୍ୟା ୨ ହେଲା।

## ବଢ଼ିଲା ଏଲ୍‌ପିଜି ଦର



ନୂଆଦିଲ୍ଲୀ, ୧।୬: ଜୁନ ପହିଲାରୁ ଆପଣଙ୍କ ମାସିକ ବଜେଟ ବଢ଼ିବ, କାରଣ ଏହି ମାସ ଅରମ୍ଭରେ ଚାରି ପ୍ରକାରର ପରିବର୍ତ୍ତନ ଘଟିଛି। ସବୁଠାରୁ ବଡ଼ କଥା ହେଲା ଯେ ଆଜିଠାରୁ ରୋଷେଇ ଗ୍ୟାସ ସିଲିଣ୍ଡରର ଦର ବୃଦ୍ଧି ଘଟିଛି। ଘରୋଇ ଏଲପିଜି ବିନା ସବସିଡ ଗ୍ୟାସ ୨୫ଟଙ୍କା ଓ ସବସିଡ ଥିବା ସିଲିଣ୍ଡର ଦରରେ ଏକ ଟଙ୍କା ୨୩ ପଇସା ବୃଦ୍ଧି ହୋଇଥିବା ଜଣାଯାଇଛି। ଦିଲ୍ଲୀରେ ଜୁନ୍ ପହିଲାରୁ ଇନ୍ଧନ ଗ୍ୟାସ ସବସିଡି ଥିବା ଗ୍ୟାସ ସିଲିଣ୍ଡର ୪୯୭.୩୭ ଟଙ୍କାରେ ମିଳିବ ଯାହା ପୂର୍ବରୁ ୪୯୬.୧୪ ଟଙ୍କା ଥିଲା। ଜୁନ ମାସ ପହିଲାର ଘରୋଇ ଏଲପିଜି ବିନା ସବସିଡି ଗ୍ୟାସ ୨୫ ଟଙ୍କା ଓ ସବସିଡି ଥିବା ସିଲିଣ୍ଡର ଦରରେ ଏକ ଟଙ୍କା ୨୩ ପଇସା ବୃଦ୍ଧି ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମେ ପହିଲାରେ ମଧ୍ୟ ଏଲପିଜି ଗ୍ୟାସ ସିଲିଣ୍ଡରର ଦର ବୃଦ୍ଧି ଘଟିଥିଲା। ଏଚପିସିଏଲ, ଆଇଓସି ଭଳି ସରକାରୀ ତୈଳ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଘଟିଥିବା କାରଣରୁ ଘରୋଇ ଗ୍ୟାସ ଉପରେ ଦର ବୃଦ୍ଧି କରାଯାଇଛି। ଏହାଛଡା ଏସି ଟ୍ରେନ ଭଡା ବାବଦରେ ବି ଆପଣଙ୍କୁ ଅଧିକ ଅର୍ଥ ଦେବାକୁ ପଡିବ। ଠିକ୍ ସେହିପରି ଆରଟିଜିଏସ ନେଣଦେଣ ଏବଂ ଆବିଆଇର ଦ୍ୱିମାସିକ ମୁଦ୍ରା ନୀତିରେ ବି ପରିବର୍ତ୍ତନ ଘଟିଛି। ଏହାଫଳରେ ଆପଣଙ୍କ ଉପରେ ଅତିରିକ୍ତ ବୋଝ ପଡିବ।

# ଅମିତ ଓ ରାଜନାଥଙ୍କ ଦାୟିତ୍ୱ ଗ୍ରହଣ



ନୂଆଦିଲ୍ଲୀ, ୧।୬ : ଆଜି ଦେଶର ନୂଆ ଗୃହମନ୍ତ୍ରୀ ରୂପେ କାର୍ଯ୍ୟଭାର ସମ୍ଭାଳିଛନ୍ତି ଅମିତ ଶାହ। ସେ ଦେଶର ୩୦ ତମ ଗୃହମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଜେପିର ଚାଣକ୍ୟ ଭାବେ ଜଣାଶୁଣା ଅମିତ୍ ଶାହ ଆଜି ଗୃହ ମନ୍ତ୍ରାଳୟର ରବିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଆଜିଠାରୁ ନିଜ ବିଭାଗର ଦାୟିତ୍ୱ ସମ୍ଭାଳିଛନ୍ତି। ତିନିସେନା ପ୍ରମୁଖ ଏବଂ ଅନ୍ୟ ବରିଷ୍ଠ କର୍ମଚାରୀଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି ରାଜନାଥ। ମୋଦି ମନ୍ତ୍ରିମଣ୍ଡଳର ଦୁଇ ପ୍ରଭାବଶାଳୀ ସଦସ୍ୟ ଅମିତ୍ ଶାହ ଓ ରାଜନାଥ ସିଂ ଯଥାକ୍ରମେ କ୍ୟାବିନେଟର ଦୁଇ ଓ ତିନି ନମ୍ବର ମନ୍ତ୍ରୀ ବୋଲି ଚର୍ଚ୍ଚା ହେଉଛି। ରାଜନାଥଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ବିଭାଗ ଦିଆଯାଇଛି। ସୀମା ଆରପଟୁ ବାରମ୍ବାର ହେଉଥିବା ଅସ୍ତ୍ରବିରତି ଉଲ୍ଲଂଘନ ଏବଂ ଅରୁଣାଚଳ ସୀମାରେ ଚୀନର ଦବଦବାକୁ ମୁକାବିଲା କରିବା ରାଜନାଥଙ୍କ ଲାଗି ଏକ ବଡ଼ ଚାଲେଞ୍ଜ। ପୂର୍ବରୁ ନିର୍ମଳା ସୀତାରମଣ ପ୍ରତିରକ୍ଷା ବିଭାଗର ଦାୟିତ୍ୱ ତୁଲାଉଥିଲେ। ତେବେ ନିର୍ମଳାଙ୍କ ସ୍ଥାନରେ ରାଜନାଥଙ୍କୁ ଦିଆଯାଇଛି ପ୍ରତିରକ୍ଷା ବିଭାଗର ଦାୟିତ୍ୱ।

# ମୌସୁମୀ ଆସିବାରେ ବିଳମ୍ବ: ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୧।୬ (ନି.ପ୍ର.): କେବେ କେରଳ ଛୁଇଁବ ମୌସୁମୀ ଏନେଇ ଉତ୍କଣ୍ଠା ଜାରି ରହିଛି। ସାଧାରଣତଃ ଜୁନ୍ ପ୍ରଥମ ସପ୍ତାହରେ ହିଁ ମୌସୁମୀ କେରଳ ଛୁଇଁଥାଏ। ଚଳିତ ବର୍ଷ ମଧ୍ୟ ଏହାସେହି ସମୟରେ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଥିଲା। ମାତ୍ର ଆଣ୍ଡାମାନରେ ଏହା ପହଂଚ୍ୱିବା ପରେ ଯେଉଁସ୍ତରରେ ସକ୍ରିୟ ହେବା କଥା ସେଥିରେ ବିଲକ୍ଷଣ ଦେଖାଯାଇଛି। ଯାହାଦ୍ୱାରା କେରଳରେ ଏହା ପହଂଚ୍ୱିବା ପାଇଁ ୬ରୁ ୭ ଦିନ ବିଳମ୍ବ ହୋଇପାରେବୋଲି ଜଣାପଡ଼ିଛି। ମୌସୁମୀ କେରଳ ଛୁଇଁବା ପରେ ଏହା ଓଡ଼ିଶାରେ ପହଂଚ୍ୱିବା ପାଇଁ ୧୦ରୁ ୧୨ ଦିନ ନେଇଥାଏ। ସେଥିପାଇଁ ଯଦି ୭ ତାରିଖରେ ମୌସୁମୀ କେରଳ ଛୁଏଁ ତାହେଲେ ଏହା ରଜ ପରେ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଜୁନ ୪ତାରିଖ ସୁଦ୍ଧାମୌସୁମୀ କେରଳ ଛୁଇଁବ ବୋଲି ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମାର୍ଟ' କହିଥିଲା। କିନ୍ତୁ ମେ' ୧୮ରେ ଏହା ଆଣ୍ଡାମାନରେ ପହଂଚ୍ୱିବା ପରେ ପାଗରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ସକ୍ରିୟ ହୋଇପାରିନାହିଁ। ଏବେ ଏହା ଆଗକୁ ବଢ଼ିବା ପାଇଁ ଅନୁକୂଳ ପାଗ ସୃଷ୍ଟି ହୋଇଛି ଏବଂ ଆଗାମୀ ୭ ତାରିଖ ସୁଦ୍ଧା ଏହା କେରଳ ଛୁଇଁବ ବୋଲି ସ୍କାଏମାର୍ଟ ପକ୍ଷରୁ କୁହାଯାଇଛି। ସେହିପରିଦକ୍ଷିଣ ଭାରତ ଉପରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ପ୍ରଭାବରେ ଆସନ୍ତା ଦିନେ ଦୁଇଦିନ ଭିତରେ କେରଳ ଓ କର୍ଣ୍ଣାଟକର ଦକ୍ଷିଣ ଭାଗର କିଛି ସ୍ଥାନରେ ବର୍ଷାହେବାର ସମ୍ଭାବନା ରହିଛି। ସେହିପରି ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଉପକୂଳ ଓ ତେଲଙ୍ଗାନାର କିଛି ଜିଲ୍ଲାରେ ପ୍ରାକ୍ ମୌସୁମୀ ବର୍ଷା ବି ଆରମ୍ଭ ହୋଇପାରେ ବୋଲି ସ୍କାଏମାର୍ଟ ଅନୁମାନ କରିଛି। ଅନ୍ୟପକ୍ଷରେ ଭାରତରେ ଲୁ' ପ୍ରଭାବ ଥିବାରୁ ଓଡ଼ିଶା ସମେତ, ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜରାଟ ଓ ତେଲଙ୍ଗାନ ଆଦି ରାଜ୍ୟରେ ତାପମାତ୍ରା ଅଧିକ ରହୁଛି। ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ଏବେ ଆଣ୍ଡାମାନରେ ରହିଛି। ତେଣୁ ଜୁନ୍ ୨ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର, ଉତର ଆଣ୍ଡାମାନ, ମାଳଦୀପ ଆଦି ସ୍ଥାନରେ ମୌସୁମୀବାୟୁ ପ୍ରବାହ ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି ହେବାର ବହୁ ସମ୍ଭାବନା ରହିଛି। ସେଠାରେ ଏହା ସକ୍ରିୟ ହେବା ପରେ ଜୁନ୍ ୬ କିମ୍ବା ୭ ତାରିଖରେ କେରଳ ଛୁଇଁବ ବୋଲି ବିଭାଗ ପୂର୍ବାନୁମାନ କରିଛି। ସେହିପରି ଏକ ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶାରେ ଦୁଇତିନ ଭିତରେ କିଛି ସ୍ଥାନରେ ବର୍ଷା ହୋଇପାରେ। ଆଜି ମଧ୍ୟ ଭୁବନେଶ୍ୱର ଏହାର ଆଖପାଖ ଅଂଚଳରେ ବର୍ଷା ହୋଇଛି। ହେଲେ ଏଥିରେ ମୌସୁମୀ ବର୍ଷାର ଲକ୍ଷଣ ଦେଖାଯାଉନାହିଁ। ଫନୀରେ ଉଜୁଡି ଯାଇଥିବା ଦୁଃଖ ଭୁଲି ନଥିବା ବେଳେ ଏବେ ମୌସୁମୀ ଆସିବାର ବିଳମ୍ବ ଖବର ଶୁଣି ଚାଷୀଭାଇମାନେ ବେଶ୍ ଚିନ୍ତା ପଡିଯାଇଛନ୍ତି। ବଙ୍ଗୋପସାଗରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯୋଗୁଁ ଏହି ବର୍ଷା ହୋଇଛି ବା ହେବ ବୋଲି ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

## ଏଥର ଇଫ୍‌ତାର ପାର୍ଟି କରିବନି ବିଜେଡି ସଂଖ୍ୟାଲଘୁ ସେଲ୍



ଭୁବନେଶ୍ୱର, ୧/୬ (ନି.ପ୍ର.): ରାଜ୍ୟରେ ସଂଖ୍ୟାଲଘୁ ସଂପ୍ରଦାୟର ଜନସାଧାରଣଙ୍କ ପବିତ୍ର ରମଜାନ ମାସ ଏବେ ଚାଲିଥିବା ବେଳେ ଏଥିଲାଗି ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ଦଳ ଓ ନେତୃସ୍ଥାନୀୟ ବ୍ୟକ୍ତି ଇଫ୍‌ତାର ପାର୍ଟିର ଆୟୋଜନ କରିଥାନ୍ତି। ଭାଇଚାରା ଅକ୍ଷୁଣ୍ଣ ରଖିବା ଓ ସମେସ୍ତ ସବୁ ଧର୍ମକୁ ସମ୍ମାନ ଦେବା 'ଇଫ୍‌ତାର ପାର୍ଟି'ର ମୌଳିକ ବାର୍ତ୍ତା। ଏଭଳି ବାର୍ତ୍ତାକୁ ସମ୍ମାନ ଜଣାଇ ରାଜ୍ୟ ସଂଖ୍ୟାଲଘୁ ସେଲ୍, ବିଜୁ ଜନତା ଦଳ ପକ୍ଷରୁ ପ୍ରତିବର୍ଷ ଇଫ୍‌ତାର ପାର୍ଟିର ଆୟୋଜନ କରିଥାଏ। ଚଳିତବର୍ଷ ବାତ୍ୟା 'ଫନି'ର ପ୍ରଭାବରେ ଉପକୂଳ ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସ୍ଥିତାବସ୍ଥା ଫେରାଇ ଆଣିବାକୁ ଅନେକ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତିବିଶେଷ ରିଲିଫ୍ ଦେବାକୁ ଅର୍ଥ ପଠାଉଛନ୍ତି। ଏପରି ଦୁଃଖଦ ମୁହୂର୍ତ୍ତରେ ଚଳିତବର୍ଷ ଇଫ୍‌ତାର ପାର୍ଟି ନକରିବା ଲାଗି ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲ୍ ନିଷ୍ପତ୍ତି ନେଇଛି। ଏହି ଇଫ୍‌ତାର ପାର୍ଟିରେ ଯେଉଁ ଅର୍ଥ ଖର୍ଚ୍ଚ ହେଉଥିଲା, ସେହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲ୍ ସଭାପତି ମୁନ୍ନା ଖାଁ କହିଛନ୍ତି।

## ଡାହୁକ



ହାରି ହାରି ଦେହସୁହା ଏମିତିକା
ଟିକିଏ ବି ନାହିଁ ଚିନ୍ତା
ବାଚାଳଙ୍କ ପରି ମନ୍ତବ୍ୟ ଦିଅନ୍ତି
କଂଗ୍ରେସର ତୁଙ୍ଗ ନେତା
ଘର କଳି ଘରେ ସମାଧାନ କରି
ଲୁଚାଏ ସିନାକେ କଥା
ବାଟେହାଟେ ଥୋଇ କଥାକୁ ଲମ୍ଭେଇ
କରୁଛନ୍ତି ଇଏ ନଥା।

-ବିଧୂ



ରାଜନୈତିକ ଓ ପ୍ରାଶାସନିକ ଇଚ୍ଛାଶକ୍ତିର ଅଭାବ

# ୨ ବର୍ଷ ହେଲା ଅଧପନ୍ତରିଆ ହୋଇ ପଡ଼ିରହିଛି ତିହିଡ଼ି ବ୍ଲକର ମିନି ଷ୍ଟାଡିୟମ

**ତିହିଡ଼ି,୧।୬(ନିପ୍ର):** ତିହିଡ଼ି ବ୍ଲକରେ ତିନି ବିଧାୟକଙ୍କ ରାଜତ୍ୱ। ହେଲେ ଦୁଇ ବର୍ଷ ତଳେ କାର୍ଯ୍ୟ ଆରମ୍ଭ ହୋଇଥିବା ତିହିଡ଼ି ବ୍ଲକର ମିନି ଷ୍ଟାଡିୟମଟି ଅଧପନ୍ତରିଆ ହୋଇ ପଡ଼ିରହିଛି। 'ସମସ୍ତଙ୍କ ପାଇଁ ଖେଳ' ଲକ୍ଷ୍ୟ ନେଇ ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ମିନି ଷ୍ଟାଡିୟମ କରିବା ପାଇଁ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ତିହିଡ଼ି ବ୍ଲକରେ ଅତି ଦୟନୀୟ ଭାବେ ପରାହତ ହୋଇଛି। ତିହିଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇବର୍ଷ ତଳେ ଏହି ମିନି ଷ୍ଟାଡିଅମ ପାଇଁ ଆରମ୍ଭ ହୋଇଥିଲା କାର୍ଯ୍ୟ। ସେଥିପାଇଁ ରାଜ୍ୟ ସରକାର ୨୦୧୫-୧୬ରେ ୧୦ ଲକ୍ଷ ଟଙ୍କା ଓ ୨୦୧୬-୧୭ରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏପରି ସ୍ଥଳେ ତିହିଡ଼ି ବ୍ଲକରେ ନିର୍ମାଣାଧୀନ ମିନି ଷ୍ଟାଡିୟମରେ ସମ୍ମୁଖଭାବ ପ୍ରାଚୀର, ଗ୍ୟାଲେରି, ଗେଟ ଓ କିଛି ମାଟି ଯାହା ପଡ଼ିଛି। ବର୍ଷାଧିକ କାଳ ହେଲା କାର୍ଯ୍ୟବନ୍ଦ ରହିଛି। ରକ୍ଷଣାବେକ୍ଷଣା ଅଭାବରୁ ଲୁହା ଗେଟରେ କଳଙ୍କି ଲାଗିଗଲାଣି ଓ ଗେଟ

## ବିଡିଓ ଓ ଡିଏସଓଙ୍କ କଥାରେ ତାଳମେଳ ନାହିଁ ଖତ ଖାଉଛି 'ପାଇକା' କ୍ରୀଡ଼ା ସରଞ୍ଜାମ

ସମ୍ମୁଖରେ ଜଙ୍ଗଲ ମଧ୍ୟ ସୃଷ୍ଟି ହେଲାଣି। ତିହିଡ଼ିରେ ଏକ ଖେଳ ପଡ଼ିଆ ନଥିବା କାରଣରୁ ଏହି ମିନି ଷ୍ଟାଡିୟମକୁ ନେଇ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ବ୍ଲକ ଓ ଜିଲା ସ୍ତରୀୟ ବିଭିନ୍ନ କ୍ରୀଡ଼ା ଏଠାରେ ଅନୁଷ୍ଠିତ ହେବ ବୋଲି ଆଶା ପ୍ରକାଶ ପାଇଥିଲା। ତେବେ ଏହି ଆଶା ସଂପ୍ରତି ମଉଳି ଯିବା ସହ କ୍ଷୋଭ ମଧ୍ୟ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜାଣିବା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଏବଂ ତିହିଡ଼ି ବିଡିଓଙ୍କ ସହ ପୃଥକ ପୃଥକ ଭାବେ ଯୋଗାଯୋଗ କରାଯାଇଥିଲା। ତେବେ ଉଭୟଙ୍କ କଥାରେ ତାଳମେଳ ରହୁନାହିଁ। ଷ୍ଟାଡିୟମ ପାଇଁ ୨୦ ଲକ୍ଷ ଓ ଖୋଲା ଜିମ ପାଇଁ ୧୫ ଲକ୍ଷ ଟଙ୍କା ଦିଆଯାଇଛି ବୋଲି ଜିଲା କ୍ରୀଡ଼ା ଅଧିକାରୀ ଆମ ପ୍ରତିନିଧିଙ୍କୁ ଫୋନରେ ସୂଚନା ଦେଇଥିବା ବେଳେ ଜିମ ବାବଦରେ ଆସିଥିବା ୧୫ ଲକ୍ଷ୍ୟ ଟଙ୍କା ସଂପର୍କରେ ସେ ଜାଣିନାହାନ୍ତି ବୋଲି କହିଛନ୍ତି ତିହିଡ଼ି ବିଡିଓ। ଅପରପକ୍ଷରେ ୨୦ ଲକ୍ଷ ଟଙ୍କାରୁ



ମନରେଗା କମ୍ପୋନେଣ୍ଟ ବାବଦ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ସେହିପରି ବିଧାୟକ ବା ସାଂସଦ ଯେଉଁ ୫ ଲକ୍ଷ ଟଙ୍କା ଦେବା କଥା ତାହା ମଧ୍ୟ ସେମାନେ ଦେଇନାହାନ୍ତି ବୋଲି କହିଛନ୍ତି ବ୍ଲକର ଜନୈକ କର୍ମଚାରୀ। କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ପଚାରିବାରେ ବିଧାୟକ ପାଣ୍ଠି ବା ମନରେଗାରୁ ଅର୍ଥ ଆସୁନଥିବାରୁ କାର୍ଯ୍ୟ ବନ୍ଦ ହୋଇପଡ଼ିଥିବା କହିଛନ୍ତି। ଆହୁରି ମଧ୍ୟ ପାଇକା ଯୋଜନାରେ ଆସିଥିବା ବିଭିନ୍ନ କ୍ରୀଡ଼ା ସରଞ୍ଜାମ ତିହିଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଖତ ଖାଉଛି। ବର୍ଷାଦିନ ଆସିଯାଉଥିବାରୁ ଆଉ ମାଟି ଆଣି ପଡ଼ିଆରେ ପକାଇବା ବୋଧେ ସମ୍ଭବ ହେବନାହିଁ। ପୁଣି ଆଉ ଗୋଟିଏ ବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ। ସେତେବେଳେ କାର୍ଯ୍ୟ ହେବ କି ନାହିଁ କିଏ କହିପାରିବ ! ଗୋଟିଏ ବ୍ଲକର ଭିତ୍ତିଭୂମିର ବିକାଶ ପାଇଁ ସରକାର ଯୋଜନା କରୁଥିବା ବେଳେ ଅଧିକାରୀ ବା ନିର୍ବାଚିତ ପ୍ରତିନିଧିମାନଙ୍କର ସେଥିପ୍ରତି ଆଦୌ ନଜର ରହୁନାହିଁ ବୋଲି ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ତିନି ନିର୍ବାଚନ ମଣ୍ଡଳୀରେ ବିଭାଜିତ ହୋଇ ନିଜର ଗୁରୁତ୍ୱ ହରାଇସାରିଥିବା ତିହିଡ଼ି ବ୍ଲକର ବିଭିନ୍ନ ଯୋଜନା ଏହିପରି ଚାଲିଛି। ମିନି ଷ୍ଟାଡିଅମ ଓ ଓପନ ଜିମ ସେଣ୍ଟର କାର୍ଯ୍ୟ ଯେ କୌଣସି ଉପାୟରେ ଶେଷ କରାଯାଇ କ୍ରୀଡ଼ାକୁ ଉତ୍ସାହିତ କରାଯାଉ ବୋଲି ତିହିଡ଼ି ବ୍ଲକର କ୍ରୀଡ଼ାପ୍ରେମୀମାନେ ଦାବି କରିଛନ୍ତି।

## ଅବସରପ୍ରାପ୍ତ ଯୋଗାଣ ଅଧିକାରୀଙ୍କ ପରଲୋକ

**କେନ୍ଦ୍ରାପଡା,୧/୬(ନିପ୍ର):** ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ଗ୍ରାମପଂଚାୟତର ରାୟପୁର ନିବାସୀ ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ପ୍ରାଣକୃଷ୍ଣ ଦାସଙ୍କର ୮୨ବର୍ଷ ବୟସରେ ଗତ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତଥିଲେ । ସ୍ଥାନୀୟ ଅଞ୍ଚଳରେ ଧର୍ମପରାୟଣ, ସରଳ, ଅମାୟିକ, ପରୋପକାରୀ ବ୍ୟକ୍ତି ଭାବେ ସେ ବେଶ ଜଣାଶୁଣାଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ ପୁତୁରା ବିଜୟ କୁମାର ଦାସ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାସଙ୍କ ମୃତ୍ୟୁରେ ସ୍ଥାନୀୟ ଅଚଂଳରେ ଶୋକର ଛାଇ ଖେଳିଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ତାଙ୍କର ଏକମାତ୍ର ପୁଅ ରତ୍ନାକର ଦାସ ବହୁ ଦିନ ପୂର୍ବରୁ ହୃଦଘାତରେ ମୃତ୍ୟୁ ବରଣ କରିଥିଲେ ।

## ଡିଆରଡିଏ ସମୀକ୍ଷା ବୈଠକ

**ଛତ୍ରପୁର,୧।୬(ନି.ପ୍ର):** ଗଂଜାମ ଜିଲା ଛତ୍ରପୁର ସ୍ଥିତ ଡିଆରଡିଏ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧକ୍ଷତା କରିଥିଲେ । ଜିଲାରେ ଚଳିତବର୍ଷ ଏମଜିଏନଆରଇଜିଏସ୍ ଯୋଜଣାରେ ୮ ଲକ୍ଷ ଚାରା ରୋପଣ କରାଯିବାକୁ ନିଷ୍ପତି ହୋଇଛି । ପ୍ରତି ସ୍କୁଲ ମାନଙ୍କରେ ୫୯ ହଜାର ଚାରା ରୋପଣ କରାଯିବ ବୋଲିସ ସୂଚନା ଦିଆଯାଇଥିଲା । ଜିଲାରେ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ହସ ଲକ୍ଷ ପୁରଣ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବର୍ତମାନ ସୁଦ୍ଧା ଏମଜିଏନଆରଇଜିଏସ୍ ରେ ୧୬ ଲକ୍ଷ ୭୫ ହଜାର ଶ୍ରମଦିବସ ସୃଷ୍ଟି କରାଯାଇଛି । ଗଂଜାମ ଜିଲା ରାଜ୍ୟରେ ରୁରାଲ ହାଉସିଂ ଯୋଜନା କାର୍ଯ୍ୟକାରୀ କରିବାରେ ଦ୍ୱିତୀୟ ସ୍ଥାନ ହୋଇଛି । ରୁରାଲ ହାଉସିଂର ଥିବା ଲକ୍ଷ୍ୟ ପୂରଣ କରି କିଭଳି ଗଂଜାମ ରାଜ୍ୟରେ ପ୍ରଥମ ହେବ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତ ବର୍ଷ ୧୬ ହଜାର ୧୯୩ ପରିବାରଙ୍କୁ ରୁରାଲ ହାଉସିଂ ଯୋଜନାରେ ସାମିଲ କରାଯିବ । ଜିଲାରେ ତିତିଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୧୮୦୨ ପରିବାର ଏବଂ ୩୩୭୦ ନିର୍ମାଣ ଶ୍ରମିକ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ଏହାର କାର୍ଯ୍ୟ ସାରିବାକୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲାର ପ୍ରତି ବ୍ଲକରେ ଖୁବ୍ ଶୀଘ୍ର ଆବାସ ମେଳା ଆୟୋଜନ କରାଯିବ । ଏଥିରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଏଥିପାଇଁ କାର୍ଯ୍ୟାଦେଶ ବଂଟନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ପ୍ରତି ସିଡିପିଓ କାର୍ଯ୍ୟାଳୟ ଅଧିନରେ ୧୦ ଟି ଲେଖାଏଁ ଅଙ୍ଗନୱାଡି କେନ୍ଦ୍ରକୁ ଏକ ଆଦର୍ଶ ଅଙ୍ଗନୱାଡିରେକେନ୍ଦ୍ରରେ ପରିଣତ କରିବାର କାର୍ଯ୍ୟ ଚାଲିଛି । ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଷ ଜିଲାରେ ଆହୁରି ୭୪୬ ଅଙ୍ଗନୱାଡି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡି ଭାବେ ଗଢି ତୋଳିବା ପାଇଁ ଅନୁଦାନ ଆସିଥିବା ବୈଠକରେ ସୂଚନା ଦିଆଯାଇଛି । ଏହି ସମିକ୍ଷା ବୈଠକରେ ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ଦେବବ୍ରତ ସାହୁ, ସମେତ ସମସ୍ତ ବିଡିଓ ଓ ଯନ୍ତ୍ରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଠାରୁ ଏଟିଏମ୍ ଅଚଳ, ଗ୍ରାମବାସୀ ନାହିଁ ନଥିବା ହଇରାଣ

**ଖୋର୍ଦ୍ଧା,୧/୬(ନିପ୍ର):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ ଏକ ପଂଚାୟତ ଗ୍ରାମ । ଏଠାରେ ଏକ ଏସ.ବି.ଆଇ ଶାଖାର ଏ.ଟି.ଏମ ବୁଥ ରହିଛି । ସହସ୍ରାଧିକ ବୃଦ୍ଧ, ମହିଳା ତଥା ଅବସର ପ୍ରାପ୍ତ ଲୋକମାନେ ଏହା ଦ୍ୱାରା ବେଶ ଉପକୃତ ହୋଇପାରୁଥିଲେ । ଗ୍ରାମର ଆଖ ପାଖରୁ ଲୋକମାନଙ୍କ ପାଇଁ ମଧ ଏହା ବହୁତ ସାହାଯ୍ୟ ହୋଇଥିଲା । କିନ୍ତୁ ବାତ୍ୟାପର ଠାରୁ ଏହି ଏ.ଟି.ଏମ ବୁଥଟି ସମ୍ପୂର୍ଣ୍ଣ ବନ୍ଦ ପଡ଼ିଛି । ବାରମ୍ବାର ଖୋର୍ଦ୍ଧା ଏସ.ବି.ଆଇ ବ୍ରାଂଚ ମ୍ୟାନେଜରଙ୍କୁ କହିବା ସତ୍ୱେ ଆଜି ପର୍ଯ୍ୟନ୍ତ ଏହାକୁ ଠିକ କରୁ ନାହାନ୍ତି । ଫଳରେ ଅନେକ ବୃଦ୍ଧ ଓ ମହିଳାମାନେ ତଥା ଦେଶମାତୃକାର ସେବା କରୁଥିବା ସେନାବାହିନୀ ପରିବାରର ଲୋକମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଇଦ୍ ଓ ପର୍ବପର୍ବାଣୀ ଆଗକୁ ଥିବାବେଳେ ଗ୍ରାମବାସୀମାନେ ଏହି ଅସୁବିଧାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।



## ପୀଡିତା ପରିବାରଙ୍କୁ ନ୍ୟାୟ ବଦଳରେ ପୁଲିସର ମାଡ

## ଏସପିଙ୍କ ଦ୍ୱାରସ୍ଥ ହେଲେ ପରିବାର ବର୍ଗ

**ଛତ୍ରପୁର,୧।୬(ନି.ପ୍ର):** ଏକ ନାବାଳିକା କୁ ବିବାହର ପ୍ରୋଲୋଭନ ଦେଖାଇ ଗର୍ଭବତୀ କରାଇଥିବାକୁ ନେଇ ଥାନାରେ ଏତଲା ଦିଆଯାଇଥିଲା। ପରବର୍ତୀ ସମୟରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଏତଲାକାରୀଙ୍କୁ ପୁଲିସ ମାଡ ମାରିବା ସହ ଅଶ୍ଳିଳ ବ୍ୟାବାହର କରିଥିବା ନେଇ ଗଞ୍ଜାମ ଏସ୍‌ପି ବିଜ୍ରେଶ ରଏଙ୍କ ନିକଟରେ ଅଭିଯୋଗ ହୋଇଛି। ସୁଚନା ଥାଉକି ଖଲ୍ଲିକୋଟ ଥାନା ଅଧିନ ବିକ୍ରମପୁର ପଚାଂୟତ ର ରଞ୍ଜାନ ପରିଡା ଜଣେ ନାବାଳିକାକୁ ବିବାହର ପ୍ରୋଲଭନ ଦେଖାଇ ତା ସହିତ ଏକ ବର୍ଷ ଧରି ଶାରୀରିକ ସଂପର୍କ ରଖିଆସୁଥିଲା। ବର୍ତମାନ ନାବାଳିକା ଜଣକ ଗର୍ଭବତୀ ହୋଇଥିବା ପରିବାର ଲୋକ ଜାଣିପାରିବାରୁ ଏନେଇ ଖଲ୍ଲିକୋଟ ଥାନାରେ ଅପ୍ରେଲ ୨୯ ତାରିଖରେ ଏତଲା ଦେଇଥିଲେ। ଏନେଇ ଥାନାରେ ୧୦୫/୧୯ ରୁଜୁ ହୋଇଥିଲା। ଘଟଣାକୁ ଏକମାସ ବିତିଯାଇଥିଲେ ବି ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠନ ନିଆଯାଇନଥିବାରୁ ପରିବାର ଲୋକ ବାଧ୍ୟହୋଇ ଗଞ୍ଜାମ ଏସପି ବିଜ୍ରେଶ ରଏଙ୍କ ନିକଟରେ ଗୁରୁବାର ଦିନ ଦ୍ୱାରସ୍ଥ ହୋଇଥିଲେ। ଘଟଣା ଶୁଣିବା ପରେ ତୁରନ୍ତ ଏସଡିପିଓଙ୍କୁ ଏହି ଘଟଣା ସଂପର୍କରେ ତଦନ୍ତ କରିବାକୁ କହିଥିବା ପରିବାର ପକ୍ଷରୁ କୁହାଯାଇଥିଲା। ଏହାପରେ ପରିବାର ଲୋକ ନିଜ ଗ୍ରାମକୁ ଫେରିଥିଲେ। ଏହି ଘଟଣାକୁ ନେଇ ଗୁରୁବାର ରାତ୍ରରେ ପୁଲିସ ପକ୍ଷରୁ କାହିଁକି ତୁମେମାନେ ଏସ୍‌ପିଙ୍କ ନିକଟକୁ ଯାଇଥିଲ କହି ଏହି କେଶରେ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଜଣକ ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ଘରେ ଥିବା ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାଡ ମାରିବା ସହ ତା ନିକଟରେ ଥିବା ମୋବାଇଲ ଫୋନ ମଧ୍ୟ ଛଡାଇ ନେଇଥିଲେ । ଏନେଇ ପୁଣି ପରିବାର ବର୍ଗ ଶୁକ୍ରବାର ଗଞ୍ଜାମ ଏସପିଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିବା ସହ ତଦନ୍ତ କାରୀ ପୁଲିସ ଅଧିକାରୀ ଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଝିଅକୁ ନ୍ୟାୟ ପ୍ରଦାନ କରିବା ସହ ପୁଲିସ ଅଧିକାରୀ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠନ ନେବାକୁ ଏସ୍‌ପିଙ୍କ ନିକଟରେ ନିବେଦନ କରିଥିଲେ। ଏନେଇ ଗଞ୍ଜାମ ଏସ୍‌ପି ବିଜ୍ରେଶ ରାଏ ଯୋଗାଯୋଗ କରିବାରୁ ଏହି ଘଟଣାର ତଦନ୍ତ କରିବାକୁ ଅତିରିକ୍ତ ଏସପିଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ତଦନ୍ତ ରିପୋର୍ଟ ଆସିଲାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଢେଙ୍କାନାଳ,୧।୬(ନିପ୍ର):** ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଝାରଗାଡିଆ ଫାଣ୍ଡି ଅଧିନ ସଦାଶିବପୁର ପଂଚାୟତର ସୁଧାଡିହକାଟେଣି ଗାଁରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଶବକୁ ଢେଙ୍କାନାଳ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଗ୍ରାମର ବୃଦ୍ଧ ବିଜୟ ରାଉତ (୫୮) ଆଜି ସକାଳେ ଗ୍ରାମ ନିକଟ ପଡିଆ ଭୂଇଁକୁ ନିଜର ଗୋରୁପଲ ନେଇ ଚରାଉଥିଲେ । ମଧାହ୍ନ ସମୟରେ ପଡିଆରେ ଗୋରୁପଲ ଛାଡି ଘରକୁ ଫେରିବା ବେଳେ ପ୍ରଚଣ୍ଡ ଖରା ଯୋଗୁଁ ବାଟରେ ଅସୁସ୍ଥ ହୋଇ ପଡି ଯାଇଥିଲେ । କେତେକ ଗ୍ରାମବାସୀଙ୍କ ଠାରୁ ଖବର ପାଇ ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ତାଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଶବକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଇଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ପୋଲିସ୍ ପ୍ରକାଶ କରିଛି ।

## ଆଇସିଏଆଇର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଭୁବନେଶ୍ୱର,୧।୬(ନିପ୍ର):** ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଂଟାଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)-ଭୁବନେଶ୍ୱର ଋପ୍ଟରର ୨୦୧୯-୨୩ ବର୍ଷ ପାଇଁ ନୂତନ ପରିଋଳନା କର୍ମକର୍ତ୍ତା ନିର୍ବାଚନ ଶୃଙ୍ଖଳାର ସହିତ ସମାପନ ହୋଇଯାଇଅଛି। ଉକ୍ତ ନିର୍ବାଚନରେ ସମୁଦାୟ ୩୫୭ ଜଣ ସି.ଏମ୍.ଏ ସଦସ୍ୟମାନେ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ନିର୍ବାଚନ ସମାପନ ପରେ ନବ ନିର୍ବାଚିତ ପରିଋଳନା କର୍ମକର୍ତ୍ତାମାନେ ପ୍ରଥମ ବୈଠକରେ ଅଧକ୍ଷ ଭାବେ ସିଏମ୍‌ଏ ଶକ୍ତିଧର ସିଂହ, ଉପାଧକ୍ଷ ଭାବେ ସିଏମ୍‌ଏ ତାପସ ରଞ୍ଜନ ସ୍ୱାଇଁ, ସମ୍ପାଦକ ଭାବେ ସିଏମ୍‌ଏ ହିମୋଜ ମିଶ୍ର, କୋଷାଧକ୍ଷ ଭାବେ ସିଏମ୍‌ଏ ପ୍ରଣବ କୁମାର ବେହେରାଙ୍କୁ ଚୟନ କରିଅଛନ୍ତି। ଅନ୍ୟ ନୂତନ ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସିଏମ୍‌ଏ ଶାନ୍ତନୁ କୁମାର ରାଉତ, ସିଏମ୍‌ଏ ଆଶୁତୋଷ ଦେବତା, ସିଏମ୍‌ଏ ମୁକେଶ ଚୌବେ, ସିଏମ୍‌ଏ ଅଜୟ କୁମାର ସାମଲ, ଓ ସିଏମ୍‌ଏ ସୂର୍ଯ୍ୟ ନାରାୟଣ ତ୍ରିପାଠୀ। ଋପ୍ଟରର ପୂର୍ବତନ ଅଧକ୍ଷ, କେନ୍ଦ୍ରୀୟ ସଭ୍ୟ ଓ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଚଳିତ ବର୍ଷ ପାଇଁ ଚୟନ କରାଯାଇଥିବା ଅଧକ୍ଷ ସିଏମ୍‌ଏ ଶକ୍ତିଧର ସିଂହଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।

## 'ନିର୍ବାଚନ ସମୟରେ ମୋଦିଜୀ ଦେଇଥିବା ପ୍ରତିଶ୍ରୁତି ସାକାର କଲେ'

**ବାଲେଶ୍ୱର,୧/୬(ନି.ପ୍ର):** ସବୁ ଚାଷୀଙ୍କୁ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଦେଶରେ ୧୫ କୋଟି ଚାଷୀ ଉପକୃତ ହେବାକୁ ଯାଉଛନ୍ତି ଓ ସେମାନେ ସାହୁକାରଙ୍କ ଋଣ ଜାଲରୁ ମୁକ୍ତି ପାଇବେ । 'ଶ୍ରମଜୀବୀ ମାନଧନ ଯୋଜନା'ରେ ପ୍ରାୟ ୪୦କୋଟି ଶ୍ରମିକ କର୍ମଚାରୀ ମାସିକ ପେନସନ୍ ତିନି ହଜାର ଟଙ୍କା ଦ୍ୱାରା ଉପକୃତ ହେବେ । ପ୍ରାଣୀ ସଂପଦ ବିଭାଗର ସମସ୍ତ ରୋଗର ଚିକିତ୍ସାର ବ୍ୟୟବହନ ତଥା ଛୋଟ ଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ମାସିକ ତିନି ହଜାର ଟଙ୍କା ପେନସନ୍ ଦେବା ଯୋଜନା ସଂଗେ ସହିଦ ପିଲାମାନଙ୍କର ଛାତ୍ରବୃତି ବଢ଼ାଇ, ଏସବୁ ଯୋଜନା ତୁରନ୍ତ କାର୍ଯ୍ୟକରୀ କରିବା ଦ୍ୱାରା ମୋଦିଜୀ ସାମାଜିକ ସୁରକ୍ଷା ନିମନ୍ତେ ତାଙ୍କର ଅଙ୍ଗୀକାରବଦ୍ଧତାକୁ ପ୍ରମାଣ କରିଛନ୍ତି ବୋଲି ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର ମତପୋଷଣ କରିଛନ୍ତି ।

# ଢେଙ୍କାନାଳରେ ନିର୍ବାଚିତ ସାଂସଦ, ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ,୧।୬(ନିପ୍ର):** ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ସାଂସଦ ଏବଂ ସଂସଦୀୟ କ୍ଷେତ୍ର ଅଧିନ ବିଧାୟକ ମାନଙ୍କୁ ଆଜି ଢେଙ୍କାନାଳ ସହରସ୍ଥ ମିନି ଷ୍ଟାଡିୟମ ଠାରେ ବି.ଜେ.ଡି ଦଳ ପକ୍ଷରୁ କର୍ମୀମାନେ ସମ୍ବର୍ଦ୍ଧିତ କରିଛନ୍ତି। ସାଂସଦ ମହେଶ ସାହୁଙ୍କ ସମେତ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପର୍ଜଙ୍ଗ ବିଧାୟକ ଡଃ ନୃସିଂହ ଚରଣ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମକେଶ ପାଲ୍, ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂହ ଓ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଆଜି ଢେଙ୍କାନାଳ କଲେଜ ବାଇପାସ ଠାରେ ପହଁଚିବା କ୍ଷଣି ତାଙ୍କୁ ବି.ଜେ.ଡିର ଦଳୀୟ ସଂଗଠକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ସେଠାରୁ ଏକ ଶୋଭାଯାତ୍ରାରେ ସେମାନଙ୍କୁ ଦଳୀୟ ସଂଗଠକ ମାନେ ସହର ପରିକ୍ରମା କରାଇ ସହର ମଧ୍ୟସ୍ଥ ବାଜିଚୌକ ଛକ ଠାକୁ ନେଇଥିଲେ । ବାଜିଚୌକ ଛକ ଠାରେ ଥିବା ସହୀଦ୍ ବାଜିରାଉତଙ୍କ ପୂର୍ଣ୍ଣ ଅବୟବରେ ସାଂସଦ ଓ ବିଧାୟକ-ବିଧାୟିକା ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ମିନି ଷ୍ଟାଡିୟମ ଠାରେ ହେବାକୁ ଥିବା ସମ୍ବର୍ଦ୍ଧନା ସଭାସ୍ଥଳକୁ ଯାଇଥିଲେ । ସମ୍ବର୍ଦ୍ଧନା ସଭା ମଂଚରେ ଥିବା ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ଏବଂ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପ୍ରଥମେ ସାଂସଦ ଶ୍ରୀ ସାହୁ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଧାୟକ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ନଗର ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ନବ ନିର୍ବାଚିତ ସାଂସଦ ଏବଂ ବିଧାୟକ-ବିଧାୟିକାଙ୍କୁ ଦଳୀୟ ସଂଗଠକ ମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିଭଳି ସଦ୍ୟ ସମାପ୍ତ ନିର୍ବାଚନ ବେଳେ ସର୍ବାଧିକ ଭୋଟ ଦେଇଥିବା ଭାପୁର ପଂଚାୟତକୁ ଢେଙ୍କାନାଳ ବିଧାୟକ ଶ୍ରୀ ସାମଲ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ବି.ଜେ.ଡିର କର୍ମୀ ଦେବାଶିଷ ମିଶ୍ର ସଂଯୋଜନା କରିଥିବା ବେଳେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ବି.ଜେ.ଡିର ସହ ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଜିଲ୍ଲା ମହିଳା ବି.ଜେ.ଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲ୍ଲା ଯୁବ ବି.ଜେ.ଡି ସଭାପତି ଧର୍ମାନନ୍ଦ ପରିଡା, ଜିଲ୍ଲା ଛାତ୍ର ବି.ଜେ.ଡି ସଭାପତି ସୁରଜ ମହାପାତ୍ର ପ୍ରମୂଖ ଯୋଗ ଦେଇଥିଲେ ।

ଜିଲ୍ଲା ପ୍ରଶାସନର ଅବହେଳେରୁ ପୁରସ୍କାର ପାଇବାରୁ ବଞ୍ଚିତ ହେବେ ଯୋଗ୍ୟ ହିତାଧିକାରୀ

# ଅନିଶ୍ଚିତତା ମଧରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ

**ଜଗତ୍‌ସିଂହପୁର,୧।୬(ନିପ୍ର):** ପ୍ରତିବର୍ଷ ପରି ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ତା ୦୫/୦୬/୧୯ ରିଖ ଅବସରରେ ଜିଲ୍ଲା ତଥା ରାଜ୍ୟ ପରିବେଶ ବିଭାଗ ତରଫରୁ ପ୍ରତ୍ୟୋକ ବ୍ଲକରୁ ଜଣେ ଲେଖା ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପାଇଁ ସିଦ୍ଧାନ୍ତ କରାଯାଇ ପୁରସ୍କୃତ ହେବା କଥା । ଏଥିନିମନ୍ତେ ନିୟମ ମୁତାବକ ଗତ ଫେବୃୟାରୀ ୧୬ ତାରିଖ ମଧରେ ଆବେଦନକାରୀ ମାନେ ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ଆବେଦନ କରିଥିଲେ । ଯାହା ଜିଲ୍ଲା ସ୍ତରରେ ମାର୍ଚ୍ଚ ୧୫ ମଧରେ ତଦନ୍ତ ସମାପନ କରାଯାଇ ପୂର୍ଣ୍ଣାଙ୍ଗ ତଥ୍ୟ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗକୁ ପଠାଯିବା କଥା । ଜିଲ୍ଲା ସ୍ତରରେ ପ୍ରକୃତି ବନ୍ଧୁଙ୍କୁ ପୁରସ୍କୃତ କରାଯିବା ବେଳେ ପ୍ରକୃତି ମିତ୍ରଙ୍କୁ ରାଜ୍ୟ ସ୍ତରରେ ପୁରସ୍କାର ପ୍ରଦାନ କରାଯିବା ପାଇଁ ନିୟମ ରହିଛି । ହେଲେ ସେଥିରେ ଘଟିଛି ବିଡମ୍ବନା । ପ୍ରାପ୍ତ ସୂଚନା ମୁତାବକ ଉକ୍ତ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ତରଫରୁ ଅବହେଳା କରାଯିବା ସହିତ ନିର୍ବାଚନ ଆଳ ଦେଖାଇ ଅଦ୍ୟାବଧି ତଦନ୍ତ ପ୍ରକ୍ରିୟା ସମାପନ କରାଗଲା ନାହିଁ । ଆଉ ମାତ୍ର ୪ ଦିନ ହାତରେ ଥିବା ବେଳେ ଜିଲ୍ଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଯାହା ଜଣା ଯାଇଛି ଜିଲ୍ଲାପାଳଙ୍କ ଟେବୁଲ ତଳେ ଚାପି ହୋଇରହିଛି ଆବେଦନ ନଥି । ତଦନ୍ତ କାରୀ କମିଟି ଗଠନ କରାଯାଇଛି । ହେଲେ ତଦନ୍ତ କାର୍ଯ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହେଲା ନାହିଁ । ଯାହା ଫଳରେ ଆଶାକରି ରହିଥିବା ଯୋଗ୍ୟ ଆବେଦନ କାରୀମାନେ ଭାଗ୍ୟକୁ ଆଦରି ଅନିଶ୍ଚିତତା ମଧରେ ରହିଛନ୍ତି । ତେଣୁ ଉଚ୍ଚ କର୍ତୃପକ୍ଷ ଏହାର ତଦନ୍ତ କରି ଅଟକି ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆବେଦନକାରୀ ମାନେ ଦାବି କରିଛନ୍ତି ।



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

## ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳ

ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନରେ ଐତିହାସିକ ବିଜୟ ପରେ କେନ୍ଦ୍ରରେ ଆରମ୍ଭ ହୋଇଛି ନରେନ୍ଦ୍ର ଦାମୋଦର ଦାସ ମୋଦି -୨ ସରକାର । ଦ୍ୱିତୀୟଥର ପାଇଁ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ୨୦୧୪ ମେ' ୨୬ରେ ଭାରତର ୧୫ଶ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇଥିଲେ ମୋଦି । ମୋଦିଙ୍କ ସମେତ ମୋଟ ୫୮ଜଣ ଶପଥଗ୍ରହଣ କରିଥିବା ବେଳେ ଏଥିରେ ୨୪ଜଣ କ୍ୟାବିନେଟ ମନ୍ତ୍ରୀ, ୯ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଓ ୨୪ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଶପଥ ନେଇଥିବା ୫୮ ମନ୍ତ୍ରୀଙ୍କ ମଧ୍ୟରୁ ବିଜେପିର ଅଛନ୍ତି ୫୪ଜଣ । ମନ୍ତ୍ରୀ ତାଲିକା ଓ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ ନେଇ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ପ୍ରଧାନମନ୍ତ୍ରୀ ମୋଦି ଏଥର ନିଜ ପାଖରେ ନିଯୁକ୍ତି, ସାଧାରଣ ଅଭିଯୋଗ ଓ ପେନସନ, ଆଣବିକ ଶକ୍ତି, ମହାକାଶ ବିଭାଗ ରଖିଛନ୍ତି । ଶପଥଗ୍ରହଣର ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, କ୍ୟାବିନେଟ ମନ୍ତ୍ରୀ ଭାବେ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଶପଥ ନେଇଛନ୍ତି । ନିର୍ମଳା ସୀତାରମଣ ଦେଶର ପ୍ରଥମ ପୂର୍ଣ୍ଣକାଳୀନ ମହିଳା ଅର୍ଥମନ୍ତ୍ରୀ ହେବାର ଗୌରବ ହାସଲ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟିମ୍‌ରେ ମହିଳା ମନ୍ତ୍ରୀଙ୍କ ସଂଖ୍ୟା ଗତ ସରକାର ତୁଳନାରେ କମ୍ ଅଛି । ଗତଥର ୯ ମହିଳା ମନ୍ତ୍ରୀ ଥିବା ବେଳେ ଏଥର କ୍ୟାବିନେଟରେ ମାତ୍ର ୬ଜଣ ମହିଳା ସାମିଲ ହୋଇଛନ୍ତି । ସେହିପରି ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କରଙ୍କୁ ମୋଦି ତାଙ୍କ କ୍ୟାବିନେଟରେ ମନ୍ତ୍ରୀ ଭାବେ ସାମିଲ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ମୋଦିଙ୍କ ମନ୍ତ୍ରିମଣ୍ଡଳର ସଂଖ୍ୟାକୁ ଦେଖିଲେ ନିକଟ ଭବିଷ୍ୟତରେ ଏହା ବୃଦ୍ଧି ପାଇବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ । ତେବେ ପ୍ରଥମ ଦଫାରେ ଶପଥ ନେଇଥିବା ସଦସ୍ୟମାନଙ୍କୁ ନେଇ ତର୍ଜମା କଲେ ଏହା ଏନଡିଏ ମନ୍ତ୍ରିମଣ୍ଡଳର କମ୍ ଓ ବିଜେପି ମନ୍ତ୍ରିମଣ୍ଡଳର ବେଶୀ ବୋଲି ଚର୍ଚ୍ଚା ହେଉଛି । ଆନୁପାତିକ ଦୃଷ୍ଟିରୁ ବିଚାର କଲେ ପ୍ରଧାନମନ୍ତ୍ରୀ ତାଙ୍କର ୫୭ଜଣିଆ ମନ୍ତ୍ରିମଣ୍ଡଳରେ ବିଜେପିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । କେବଳ ମେଣ୍ଟ ଧର୍ମ ରକ୍ଷା କରିବା ଆଳରେ ଏନଡିଏ ସହଯୋଗୀ ଦଳର ମାତ୍ର କେତେଜଣଙ୍କୁ ମନ୍ତ୍ରୀ କରିଛନ୍ତି । ଦାବି ମୁତାବକ ମନ୍ତ୍ରୀ ସଂଖ୍ୟା ନପାଇବାରୁ ଏନଡିଏ ଭୁକ୍ତ ଜେଡିୟୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇନାହିଁ । 'ଅପ୍‌ନା' ଦଳ ମଧ୍ୟ ନିଜକୁ ମନ୍ତ୍ରିମଣ୍ଡଳରୁ ଦୂରେଇ ରଖିଛି । ଯାହାକୁ ନେଇ ମେଣ୍ଟଭୁକ୍ତ ଦଳଗୁଡିକ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଲାଣି । ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ଯେ, ମୋଦି ତାଙ୍କ ପୂର୍ବ ସରକାରର ୪୦% ମନ୍ତ୍ରୀଙ୍କୁ ଏଥରର ସରକାରରେ ସାମିଲ କରିନାହାନ୍ତି । ପୂର୍ବ ସରକାରର ମାତ୍ର କେତେଜଣ ମନ୍ତ୍ରୀ ଚଳିତ ସରକାରରେ ସ୍ଥାନ ପାଇଛନ୍ତି । ଚଳିତ ଥର ମନ୍ତ୍ରିମଣ୍ଡଳରେ ମୋଦିଙ୍କ ପ୍ରଥମପାଳି ଟିମ୍‌ରୁ ବାଦ୍ ପଡିଛନ୍ତି ୩୭ଜଣ ମନ୍ତ୍ରୀ । ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲି ଓ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଏଥର ସ୍ୱାସ୍ଥ୍ୟଗତ କାରଣରୁ ମନ୍ତ୍ରିମଣ୍ଡଳରେ ସାମିଲ ପାଇନାହାନ୍ତି । ଦେଶର ମୋଟ ୨୯ଟି ରାଜ୍ୟ ମଧ୍ୟରୁ ୨୨ଟି ରାଜ୍ୟରୁ ଏହି ୫୭ଜଣ ମନ୍ତ୍ରୀଙ୍କୁ ବଛାଯାଇଥିବା ବେଳେ ୮ଟି ରାଜ୍ୟ ଏଥିରୁ ବାଦ୍ ପଡିଛନ୍ତି । ଉତ୍ତରପ୍ରଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ୯ଜଣ ସାଂସଦଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବା ବେଳେ ମହାରାଷ୍ଟ୍ରର ୭ ଓ ବିହାରର ୬ଜଣ ପ୍ରତିନିଧିଙ୍କୁ ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି । ଗୁଜୁରାଟ, ରାଜସ୍ଥାନ ଓ ହରିୟାନାରୁ ତିନି ତିନିଜଣ ପ୍ରତିନିଧିଙ୍କୁ ମନ୍ତ୍ରୀ କରାଯାଇଥିବା ବେଳେ ପଶ୍ଚିମବଙ୍ଗ, ଓଡ଼ିଶା, ପଞ୍ଜାବ ଓ ମଧ୍ୟପ୍ରଦେଶର ଦୁଇଦୁଇ ଜଣ ଲେଖାଏ ପ୍ରତିନିଧିଙ୍କୁ ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି । ତେବେ କର୍ଣ୍ଣାଟକରୁ ଚାରି ଚେହେରାଙ୍କୁ ମୋଦିଙ୍କ ଟିମ୍‌ରେ ସାମିଲ କରାଯାଇଛି । କେରଳରେ ବିଜେପି ଗୋଟିଏ ବି ଲୋକସଭା ଆସନରେ ଜିତି ନଥିଲେ ମଧ୍ୟ ଏଠାରୁ ବି.ମୁରଲିଧରନଙ୍କୁ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି । ଆନ୍ଧ୍ରପ୍ରଦେଶ ଭଳି ଏକ ବୃହତ ରାଜ୍ୟରୁ ମୋଦି ଜଣକୁ ମଧ୍ୟ ନିଜ ମନ୍ତ୍ରିମଣ୍ଡଳରେ ସ୍ଥାନିତ ନକରିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ । ଅବଶ୍ୟ ଆନ୍ଧ୍ରପ୍ରଦେଶରୁ ବିଜେପି ଗୋଟିଏ ଲୋକସଭା ଆସନ ଜିତିବା ସମ୍ଭବ ହୋଇପାରି ନାହିଁ । ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତରେ ଥିବା ସିକିମ୍, ମଣିପୁର, ମିଜୋରମ, ନାଗାଲାଣ୍ଡ, ତ୍ରିପୁରା ଓ ମେଘାଳୟ ଆଦି ରାଜ୍ୟରୁ ଜଣକୁ ହେଲେ ମଧ୍ୟ ମନ୍ତ୍ରୀପଦ ମିଳିପାରି ନାହିଁ । ଏଥର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ଦୁଇଜଣଙ୍କୁ ସୁଯୋଗ ମିଳିଛି । ମଧ୍ୟପ୍ରଦେଶରୁ ରାଜ୍ୟସଭା ଯାଇଥିବା ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ସରକାରରେ ପୁଣିଥରେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେହିପରି ବାଲେଶ୍ୱର ଲୋକସଭା ଆସନରୁ ପ୍ରଥମ ଥର କରି ଏମ୍.ପି. ଭାବେ ନିର୍ବାଚିତ ହୋଇଥିବା ପ୍ରତାପ ଷଡଙ୍ଗୀ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ମୋଦି-୨ ସରକାରରେ ରାଜ୍ୟର ଏ ପ୍ରତିନିଧିତ୍ୱ ଓଡ଼ିଶା ପ୍ରତି ଅନ୍ୟାୟ କିମ୍ବା ଉପେକ୍ଷା କୁହାଯାଇପାରିବ ନାହିଁ । ରାଜ୍ୟରୁ ବିଜେପି ସାଂସଦଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ଅଥଚ ମନ୍ତ୍ରିମଣ୍ଡଳରେ ଓଡ଼ିଆ ପ୍ରତିନିଧିତ୍ୱ ବଢ଼ିନାହିଁ । ପ୍ରଥମଥର ପାଇଁ ଉପକୂଳ ଓଡ଼ିଶାରେ ବିଜେପି ନିଜର ଉପସ୍ଥିତି ଜାହିର କରିଥିବାରୁ ଏ ଅଞ୍ଚଳରୁ ଜଣେ ନିର୍ବାଚିତ ସାଂସଦଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦିଆଯିବା ପ୍ରକୃତ ଯଥାର୍ଥ । କିନ୍ତୁ ପଶ୍ଚିମ ଓଡ଼ିଶାର ୫ରୁ ୫ ଲୋକସଭା ଆସନ ପୋଛି ନେଇ ଦଳ ଖୁବ୍ ଭଲ ପ୍ରଦର୍ଶନ କରିଥିବାରୁ କେନ୍ଦ୍ରମନ୍ତ୍ରିମଣ୍ଡଳରେ ସେହି ଅଞ୍ଚଳର ପ୍ରତିନିଧିତ୍ୱର ଆବଶ୍ୟକତାକୁ ଅଣଦେଖା କରାଯାଇଛି । ସୂଚନା ଯୋଗ୍ୟ ଯେ, ୨୦୧୪ ନିର୍ବାଚନରେ ଓଡ଼ିଶାର ଗୋଟିଏ ଲୋକସଭା ଆସନରେ ଭାଜପାକୁ ସଫଳତା ମିଳିଥିବା ବେଳେ ୨ଜଣଙ୍କୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ପାହ୍ୟା ମିଳିଥିଲା । ଆଶା ମନ୍ତ୍ରିମଣ୍ଡଳର ପରବର୍ତ୍ତୀ ସଂପ୍ରସାରଣ ବେଳେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରତି ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ସମୂଚିତ ଗୁରୁତ୍ୱ ଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦ୍ୱିତୀୟ ଇନିଂସ ଆରମ୍ଭ କରିବା ସହ ଏବେ ତାଙ୍କ ନିକଟରେ କାର୍ଯ୍ୟ କରିବାର ଏକ ସୁଦର୍ଘ ଫର୍ଦ୍ଦ ରହିଛି । ଦେଶବାସୀ ଯେଉଁଭଳି ବିପୁଳ ସମର୍ଥନରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଆସୀନ କରାଇଛନ୍ତି ଅନୁରୂପ ଭାବେ ତାଙ୍କଠାରୁ ଓ ତାଙ୍କ ନେତୃତ୍ୱାଧୀନ ସରକାରଠାରୁ ସେମାନେ ପ୍ରତ୍ୟାଶା ରଖିଛନ୍ତି । ସେ ବିଶ୍ୱାସ ଓ ଆସ୍ଥାକୁ ପୂରଣ କରିବା ମୋଦିଙ୍କ ପାଇଁ ଦ୍ୱିତୀୟ ପାଳିରେ ଅଗ୍ନି ପରୀକ୍ଷା ସଦୃଶ୍ୟ ହେବ । ନିର୍ବାଚନ ପ୍ରଚାର ବେଳେ ମୋଦିଙ୍କ ଅଙ୍ଗୀକାର ଥିଲା ଅନନ୍ୟ । ଯେଉଁ କେତେକ ପ୍ରସଙ୍ଗ ନେଇ ସାରା ଦେଶ ଆନ୍ଦୋଳିତ ହୋଇଥିଲା, ସେସବୁକୁ ପୂରଣ କରିବେ ବୋଲି ଦେଶବାସୀ ପ୍ରତୀକ୍ଷାରେ ରହିଛନ୍ତି ।

# ଓଡ଼ିଶାରେ ମୋଦି

### ଡାକ୍ତର ନୀଳମାଧବ ପୃଷ୍ଟି

ଆଜିର ଯୁଗରେ ସାଇକେଲ ହିଁ ତାଙ୍କର ସମ୍ବଳ, ଗାଁ ଗାଁ ପାଦରେ ବୁଲି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ଯୋଗ ପ୍ରାଣାୟମ ସହ ନିମ୍ବକାଠିରେ ଦାନ୍ତ ଘଷନ୍ତି, ଗାଁ ଦାଣ୍ଡର ଟ୍ୱିଓ୍ୱେଲରେ ସ୍ନାନ କାର୍ଯ୍ୟ ସାରନ୍ତି ଆଉ କେବେବି ଦୁର୍ନୀତିତ ଦୂରର କଥା ନିଜ କୁଟୁମ୍ବ ଭିତରୁ କାହାକୁ ବି ନିଜର ରାଜନୈତିକ ପ୍ରଭାବରେ କୌଣସି ଅହେତୁକ ସହଯୋଗ ନିଅନ୍ତି ନାହିଁ। ଅତ୍ୟନ୍ତ ନିରାଡ଼ମ୍ବର ଓ ସରଳ ଜୀବନ ବିତାଇ ପ୍ରାଚୁର୍ଯ୍ୟ ବିଳାସ ଠାରୁ ଢ଼େର ଦୂରରେ ରହି ନିଜକୁ ପ୍ରଚାର ପ୍ରସାର ଠାରୁ ଅଲଗା ରଖନ୍ତି ଏହିପରି ଜଣେ ଅମାୟିକ ସରଳ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରତାପ ଷଡ଼ଙ୍ଗୀ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ୟାବିନେଟରେ ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟ ପାହ୍ୟା ପାଇବା ପରେ ଅନ୍ୟ ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରତାପ ଷଡ଼ଙ୍ଗୀ ଯିଏ କି ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଆମେ ପ୍ରଥମରୁ ଯେଉଁ ବ୍ୟକ୍ତିତ୍ୱର ଅବତାରଣ କରୁଥିଲୁ ସେହି ମହୋଦୟ ସରଳ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରତାପ ଷଡ଼ଙ୍ଗୀ। ପ୍ରତାପ ବାବୁଙ୍କୁ ଓଡ଼ିଶାର ମୋଦି ଭାବେ ସମସ୍ତେ ଚିହ୍ନନ୍ତି ଯେପରି ମୋଦି ନିଜ ବାଲ୍ୟ ଜୀବନରେ ଚା ବିକ୍ରୟ କରି ଗଣତନ୍ତ୍ରର ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ପଦବୀରେ ଆସୀନ ହୋଇଛନ୍ତି ସେହିପରି ପ୍ରତାପ ବାବୁଙ୍କ ଜୀବନ ଅତ୍ୟନ୍ତ କଷ୍ଟକର ଥିଲା ପିଲା ଦିନରୁ। ବାଲେଶ୍ୱର ପରି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କ୍ଷେତ୍ରରେ ବିଜେଡ଼ିର ରବୀନ୍ଦ୍ର ଜେନା ପ୍ରାର୍ଥୀ ହୋଇଥିଲେ। ଦଳରେ ପ୍ରଭାବଶାଳୀ ଓ ଅର୍ଥ ଶକ୍ତିରେ ବାହୁବଳୀ ଥିବା ଏହି ନେତାଙ୍କୁ ମାତ୍ ଦେବାରେ ସକ୍ଷମ ହୋଇଛନ୍ତି ପଇସାର ବହୁତ ପଛରେ ଥିବା ପ୍ରତାପ ବାବୁ। ଲୋକସଭା ନିର୍ବାଚନରେ ସମଗ୍ର ଭାରତରେ ମୋଦି ସୁନାମୀର ଝଡ଼ ଏନ୍‌ଡିଏକୁ ଶକ୍ତିଶାଳୀ କରିବା ସହ କ୍ଷମତା ହାସଲ କରିବାରେ ସକ୍ଷମ ହୋଇଛି। ସମଗ୍ର ଭାରତରେ ଗୈରିକ ଧ୍ୱଜା ଚାରିଆଡ଼େ ରଙ୍ଗାୟିତ ହୋଇଥିବାବେଳେ ଓଡ଼ିଶା ମଧ୍ୟ ପଛରେ ପଡ଼ିନାହିଁ। ଓଡ଼ିଶାରେ ବିଜେଡ଼ି ପରି ଶକ୍ତିଶାଳୀ ଆଞ୍ଚଳିକ ଦଳକୁ ଚିତ୍‌ପଟାଙ୍ଗ



କରାଇ ଗତଥର ଗୋଟିଏ ସଂସଦୀୟ କ୍ଷେତ୍ରରୁ ଏଥର ୮ଟି ଏମ୍‌ପି ସିଟକୁ ବିଜେପି ଦଖଲ କରିଛି। ଓଡ଼ିଶାରେ ମୋଦି ସୁନାମୀ ବିଜେଡ଼ିକୁ ଧରାଶାୟୀ କରିବାରେ ସକ୍ଷମ ହୋଇଛି।

ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ବିଜୟୀ ହୋଇଥିବା ପ୍ରତାପ ବାବୁ ୧୨ ହଜାରରୁ ଅଧିକ ଭୋଟରେ ଧର୍ଣ୍ଣାଢ଼୍ୟ ବିଜେଡ଼ିର ରବୀନ୍ଦ୍ର ଜେନାଙ୍କୁ ପରାସ୍ତ କରିଛନ୍ତି। ପ୍ରତାପ ବାବୁଙ୍କ ସାମ୍ନାରେ ଦୁଇଜଣ ଧନବଳ ସମ୍ପନ୍ନ ପ୍ରାର୍ଥୀ ଥିଲେ। ଶିଳ୍ପପତି ରବୀନ୍ଦ୍ର ଜେନା ଓ ଓଡ଼ିଶାରେ କଂଗ୍ରେସ ସୁପ୍ରିମୋ ନିରଞ୍ଜନ ବାବୁଙ୍କ ସୁପୁତ୍ର ନବଜ୍ୟୋତି ପଟ୍ଟନାୟକ। ନିଜ ପାଖରେ ଯଥେଷ୍ଟ ଅର୍ଥ ନଥିବାରୁ ଏକ ଭଡା ଅଟୋ ନେଇ ତାର ହୁଡ୍ ଖୋଲି ନିର୍ବାଚନରେ ପ୍ରଚାର କରୁଥିଲେ। ପ୍ରଥମ ଥର ପାଇଁ ସଂସଦକୁ ଯାଉଥିବା ପ୍ରତାପ ବାବୁଙ୍କ ସାଧାରଣ ଜୀବନ ସମସ୍ତ ରାଜନେତାଙ୍କ ପାଇଁ ଆଦର୍ଶଣୀୟ ନିଶ୍ଚୟ। ନୂଆଦିଲ୍ଲୀର ଲୋକସଭା ପରି ଗଣତନ୍ତ୍ରର ସବୁଠାରୁ ବଡ଼ ମନ୍ଦିରକୁ ଯିବା ପୂର୍ବରୁ ନିଜ ଘରେ ସେ ସ୍ୱୟଂ ନିଜ ବ୍ୟାଗ ପ୍ରସ୍ତୁତ କରୁଥିଲେ। ଭଙ୍ଗା ଚାଳଘରେ ଜୀବନ ବିତାଉଥିବା ପ୍ରତାପ ବାବୁ ଅବିବାହିତ। ସୋସିଆଲ ମିଡ଼ିଆରେ ସମଗ୍ର ପୃଥିବୀରେ ତାଙ୍କୁ ଅନେକ ଚର୍ଚ୍ଚା ଓ ତାଙ୍କ ବିଷୟରେ ଜାଣିବା ପାଇଁ ଅନେକଙ୍କ ଆଗ୍ରହ ରହିଛି ତାଙ୍କ ଭିତରୁ ବିଦେଶୀମାନେ ଅଧିକ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଗୋପୀନାଥପୁର ଗ୍ରାମର ଏକ ଗରିବ ପରିବାରରେ ୧୯୫୫ ଜାନୁଆରୀ ୪ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ଫକୀରମୋହନ କଲେଜରୁ ସ୍ନାତକ ଶିକ୍ଷା ପରେ ରାମକୃଷ୍ଣ ମିଶନରେ ସାମିଲ ହୋଇ ତ୍ୟାଗୀ ସାଧୁଜୀବନ ନିର୍ବାହର କଠୋର ନିଷ୍ପତ୍ତି ସେ ନେଇଥିଲେ ତେବେ ତାଙ୍କ ପିତାଙ୍କ ପରଲୋକ ହେବା ସହ ତାଙ୍କ ମାଆ ଏକଲା ରହୁଥିବାରୁ ନିଜ ଜନ୍ମ ମାଟିର ସେବା କରିବା ପାଇଁ ରାମକୃଷ୍ଣ ମିଶନ ପକ୍ଷରୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା ନିଜ ଗାଁକୁ ଫେରିବା ପରେ ନିଜକୁ ସମାଜ ସେବାରେ ସାମିଲ କରିଥିଲେ। ପ୍ରାଥମିକ ଭାବେ ନୀଳଗିରି କଲେଜରେ ଜଣେ କିରାଣୀ ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟରେ ଭାରତରେ ସମାଜ ସେବା ଓ ଜାତୀୟ ଚେତନାର ଭାବକୁ ଦିଗ୍‌ଦର୍ଶନ ଦେଉଥିବା ରାଷ୍ଟ୍ରୀ ସ୍ୱୟଂ ସେବକ ସଂଘ ସହ ସାମିଲ ହୋଇ ବିଶ୍ୱ ହିନ୍ଦୁ ପରିଷଦରେ ଯୋଗ ଦେଇଥିଲେ। ୨୦୦୪ରେ ବିଜେପିର ପ୍ରାର୍ଥୀ ହୋଇ ନୀଳଗିରିର ବିଧାୟକ ହୋଇଥିଲେ। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନୀଳଗିରିରୁ ପୁନର୍ବାର ଜିତିଥିଲେ ତେବେ ୨୦୧୪ ନିର୍ବାଚନରେ ବିଜେପିରୁ ଲୋକସଭା ପ୍ରାର୍ଥୀ ହୋଇ ରବୀନ୍ଦ୍ର ଜେନାଙ୍କ ଠାରୁ ହାରି ଯାଇଥିଲେ କିନ୍ତୁ ତାଙ୍କ ମନୋବଳ ଭାଙ୍ଗି ନଥିଲା। ବାହ୍ୟ ଆଡ଼ମ୍ବର ଠାରୁ ଦୂରେଇ ପ୍ରତାପ ବାବୁ ନିଜ ଭଙ୍ଗାଘରେ ମାଆଙ୍କ ସହ ରହୁଥିଲେ। ଗତବର୍ଷ ତାଙ୍କ ମାଆଙ୍କ ପରଲୋକ ହୋଇଥିଲା। ନିଜ ବିଧାୟକ ପେନ୍‌ସନ ଯାହା ମିଳେ ସେଥିରୁ ନିଜେ ଚଳି ଯାଉଥିଲେ ଏବଂ ଏହି ପେନ୍‌ସନରୁ କିଛି ଅର୍ଥ ନିଜ ଜନ୍ମମାଟିର ଅଞ୍ଚଳର ଶିକ୍ଷାକ୍ଷେତ୍ରରେ ସେ ସତ୍ ବିନିଯୋଗ କରୁଥିଲେ। ନିଜ ଜୀବନରେ ଗାଡ଼ି ଖଣ୍ଡେ ତ ଦୂରର କଥା ବାଇକଟିଏ କିଣିବାର ସମ୍ବଳ ତାଙ୍କ ପାଖରେ ନଥିଲା। ସାଇକେଲରେ ଯିବା ଆସିବା କରିବା ସହ ସାଧାରଣ ଜୀବନ ଯାହା ଅତିବାହିତ କରୁଥିଲେ ତାହା ଆଜିର ସମୟ ପାଇଁ ବଡ଼ ଆଶ୍ଚର୍ଯ୍ୟର ପ୍ରସଙ୍ଗ। କେହି କେହି ତାଙ୍କୁ ଓଡ଼ିଶାର ମୋଦି ବା ଓଡ଼ିଶାର ଗାନ୍ଧୀ ଭାବେ ବିଚାର କରିଥାନ୍ତି। ତାଙ୍କ ବିଚାରବୋଧ ସାମଗ୍ରିକ ଭାବରେ ଦେଶ ଓ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ସବୁବେଳେ ଲୋକ ମାନଙ୍କ ସେବା ପାଇଁ ନିଜ ସମୟକୁ ସେ ଉତ୍ସର୍ଗୀକୃତ କରୁଥିଲେ। ଆଜି ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବିଚାର ଚେତନାକୁ ବୁଝି ପ୍ରତାପ ବାବୁଙ୍କ ପରି ଆଜିର ରାଜନେତାଙ୍କ ପାଇଁ ଆଦର୍ଶଣୀୟ ଥିବା ପ୍ରତାପ ବାବୁଙ୍କୁ ନିଜ କ୍ୟାବିନେଟରେ ସାମିଲ କରିଛନ୍ତି ଏହା ଓଡ଼ିଶା ପାଇଁ ନିଶ୍ଚିତ ଭାବରେ ଗୌରବର ପ୍ରସଙ୍ଗ। ରାଜନେତାଙ୍କ ପାଇଁ ଅର୍ଥବଳ ଓ ବାହୁବଳ ଆଦୌ ବଡ଼ ନୁହେଁ ସବୁଠାରୁ ବଡ଼ ହେଉଛି ଦେଶ ପାଇଁ, ଜନ୍ମମାଟି ପାଇଁ, ସମାଜ ପାଇଁ ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ସେବା। ଏହାର ନିଚ୍ଛକ ପ୍ରମାଣ ଦେଇଛନ୍ତି ପ୍ରତାପ ବାବୁ। ପ୍ରତାପ ବାବୁଙ୍କ ରାଜନୈତିକ ଜୟଯାତ୍ରା ଆହୁରି ଆଗେଇ ଚାଲୁ ସେ ମାନନୀୟ ମୋଦିଙ୍କ କ୍ୟାବିନେଟରେ ସାମିଲ ହୋଇଥିବାରୁ ତାଙ୍କୁ ଆମେ ଓଡ଼ିଶା ବାସୀଙ୍କ ପକ୍ଷରୁ ଅଭିନନ୍ଦନ ଜଣାଉଛୁ। ଓଡ଼ିଶାର ଉନ୍ନତି ପାଇଁ ସେ ଅନେକ ଗଠନ ମୂଳକ କାର୍ଯ୍ୟ କରିବାରେ ସକ୍ଷମ ହେବେ ଏ ବିଶ୍ୱାସ ଓ ଆଶା କୋଟି କୋଟି ଓଡ଼ିଆଙ୍କର ରହିଛି।

*ପାଣିକୋଇଲି, ଯାଜପୁର, ଦୂରଭାଷ : ୯୪୩୯୪୮୨୫୨୬*

# ଉତ୍କଳରେ ନେତା ନାହିଁ ପ୍ରୟୋଜନ...

### ବାଦଲ ଭୂୟାଁ

ଉତ୍କଳରେ ନେତା ନାହିଁ ପ୍ରୟୋଜନ ଉତ୍କଳରେ ନେତା ସ୍ୱୟଂ ନାରାୟଣ ଏହି କଥାଟି ଓଡ଼ିଶାର କାଳ କାଳକୁ ଚିରନ୍ତନ ସତ୍ୟ। ୨୦୧୯ ସଂସଦୀୟ ନିର୍ବାଚନର ଓଡ଼ିଶାର ଫଳାଫଳ ଏହା ସୂଚୀତ କରୁଛିକି ଯେ, କୌଣସି ଗୋଟିଏ ଦଳର ନେତା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇନାହାଁନ୍ତି। ଚଳିତ ନିର୍ବାଚନରେ ସବୁଠାରୁ ବଡ଼ ରୋଚକ ପ୍ରସଙ୍ଗଟି ଥିଲା ବିଜେଡ଼ି ଓ ବିଜେପି ଭିତରେ କଡ଼ା ଟକ୍କର। ସବୁଠାରୁ ବଡ଼ ଜାତୀୟ ଦଳ କହୁଥିବା କଂଗ୍ରେସ ତୃତୀୟ ସ୍ଥାନରେ ନିଜକୁ ସନ୍ତୁଷ୍ଟ କରିଛି। ଓଡ଼ିଶାର ସମୁଦାୟ ୨୧ଟି ଲୋକସଭା ସଂସଦୀୟ କ୍ଷେତ୍ରରେ ବିଜେଡ଼ି ପରି ପ୍ରଭାବଶାଳୀ ଆଞ୍ଚଳିକ ଦଳ ୧୨ଟି ଆସନ ପାଇଥିବାବେଳେ ବିଜେପି ୮ଟି ଓ କଂଗ୍ରେସ ୧ଟି ଆସନ ପାଇଛି। ପଶ୍ଚିମ ଓଡ଼ିଶାର ସମୁଦାୟ ୫ଟି ଆସନ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର ସହ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୋଇଥିବା ଉପକୂଳ ଓଡ଼ିଶାର ଭୁବନେଶ୍ୱର ଆସନରେ ବିଜେପି ତାର ଜୟଯାତ୍ରା ଆରମ୍ଭ କରିଦେଇଛି। ଗତ ୨୦୧୪ରେ ବିଜେଡ଼ି ୨୦ଟି ଆସନ ପାଇଥିବାବେଳେ ବିଜେପି ମାତ୍ର ୧ଟି ଆସନ ପାଇଥିଲା। ୨୦୧୭ର ପଞ୍ଚାୟତ ନିର୍ବାଚନରେ ବିଜେପି, ବିଜେଡ଼ିକୁ କଡା ଟକ୍କର ଦେଇ ଅନେକ ଜିଲ୍ଲା ପରିଷଦ ଦଖଲ କରିବା ସହ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ମାନଙ୍କରେ ପରିଷଦ ମଧ୍ୟ ଗଠନ କରିଥିଲା। ଚଳିତ ନିର୍ବାଚନରେ ଖୋଦ ମୁଖ୍ୟମନ୍ତ୍ରୀ ବିଜେପୁର ପରି ପଶ୍ଚିମାଞ୍ଚଳ କ୍ଷେତ୍ରରେ ନିଜେ ପ୍ରାର୍ଥୀ ହୋଇ ମଧ୍ୟ ତାଙ୍କ ଅନ୍ତର୍ଗତ ସାଂସଦୀୟ କ୍ଷେତ୍ରରେ ବିଜେଡ଼ି ପରାସ୍ତ ହୋଇଛି। ବରଗଡ଼ ଲୋକସଭା ଆସନରେ ବିଜେପିର ଟାଣୁଆ ପ୍ରାର୍ଥୀ ସୁରେଶ ପୂଜାରୀ, ବିଜେଡ଼ିର ଭେଟେରାନ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। କୁହାଯାଉଥିଲା କି ବିଜେପିର ଅସନ୍ତୁଷ୍ଟ



ସୁବାଶ ଚୌହାନ ବିଜେଡ଼ିରେ ଯୋଗ ଦେବା ପରେ ବିଜେଡ଼ି ଶକ୍ତିଶାଳୀ ହେବ କିନ୍ତୁ ବରଗଡ଼ରେ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ତାଙ୍କ ଗୈରିକ ବିଜୟ ପତାକା ଉଡାଇବାରେ ସକ୍ଷମ ହୋଇଛନ୍ତି। କେବଳ ଏତିକିରେ କଥା ଅଟକିନାହିଁ ପଶ୍ଚିମ ଓଡ଼ିଶାର ସମୁଦାୟ ୫ଟି ଆସନରେ ବିଜେପି ବିଜୟ ଲାଭ କରି ବିଜେଡ଼ିର ସୁପ୍ରିମୋ ନବୀନ ବାବୁଙ୍କୁ ଏକ ପ୍ରକାର ଚ୍ୟାଲେଞ୍ଜ ଦେଇଛି।

ସେହିପରି ଉତ୍ତର ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ବାଲେଶ୍ୱର ଓ ମୟୂରଭଞ୍ଜ ଆସନରେ ବିଜେପି ବିଜୟ ଲାଭ କରିଛି। ବାଲେଶ୍ୱରର ପ୍ରାକ୍ତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ଜିଲ୍ଲା ସଭାପତି କରାଯିବା ସହ ବିଜେଡ଼ିର ବରିଷ୍ଠ ନେତା ରଘୁନାଥ ମହାନ୍ତିଙ୍କୁ ଦଳରୁ ବିଦା କରାଯାଇଥିଲା ଯାହାର ବଡ଼ କୁଫଳ ବିଜେଡ଼ି ପାଇଛି। ସେହିପରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏବଂ ଲଗାତାର ବିଜେଡ଼ି ହାତରେ ଥିବା ଭୁବନେଶ୍ୱର ପରି ମର୍ଯ୍ୟାଦାଜନକ ଆସନରେ ଅପରାଜିତା ଷଡ଼ଙ୍ଗୀ ବିଜେଡ଼ିର ଅରୂପ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ଲୋକସଭାରେ ବିଜେଡ଼ିର ମୋଟ ଭୋଟ ପ୍ରତିଶତ ୪୨.୭୬ ପ୍ରତିଶତ ଥିବାବେଳେ ବିଜେପିର ୩୮.୩୭ ରହିଛି। ଏହି ନିର୍ବାଚନରେ କଂଗ୍ରେସ ସାଙ୍ଘାତିକ ଭାବେ ପରାସ୍ତ ହୋଇଛି। ଭାରତର ସବୁଠାରୁ ପୁରୁଣା ଓ ବଡ଼ଦଳ ବୁଝାଉଥିବା ଏହି ଦଳ ନିଜ ଜାତୀୟ ସଭାପତିଙ୍କ ପଦବୀକୁ ନେଇ ଘର କଜିଆ ଭିତରେ ଆଉଟୁ ପାଉଟୁ ହୋଇଛି ମଧ୍ୟ। ଓଡ଼ିଶାରେ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ମଧ୍ୟ ଗ୍ରହଣୀୟ ହୋଇପାରି ନାହିଁ। ଖୋଦ୍ ନିରଞ୍ଜନ ବାବୁ ଦୁଇଟି ଆସନରୁ ପରାସ୍ତ ହୋଇଥିବାବେଳେ ତାଙ୍କ ପୁଅ ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ଜିତି ପାରିନାହାନ୍ତି। ଓଡ଼ିଶାରେ ବିଜେଡ଼ି ତାର ଜୟଯାତ୍ରା ଲଗାତାର ରଖିପାରିଥିବାବେଳେ ଚଳିତ ନିର୍ବାଚନର ସଂସଦୀୟ ଫଳାଫଳ ବିଜେଡ଼ି ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। କୁହାଯାଉଛି ସମଗ୍ର ଭାରତରେ ମୋଦି ସୁନାମୀରେ ଅନେକ ଦଳ ଚିତ୍‌ପଟାଙ୍ଗ ମାରିଥିବାବେଳେ ଓଡ଼ିଶାରେ ମଧ୍ୟ ବିଜେଡ଼ି ସାଙ୍ଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଓଡ଼ିଶାରେ ବିଜେଡ଼ି ଅନେକ ଲୋକାଭିମୁଖୀ ଯୋଜନା ହାତକୁ ନେଇଛି ଏବଂ ତୃଣମୂଳ ସ୍ତରରେ ବିଜେଡ଼ିର କର୍ମୀମାନେ ଲଗାତାର ଦଳ ପାଇଁ ଅକ୍ଳାନ୍ତ ପରିଶ୍ରମ କରି ବିଧାନ ସଭା କ୍ଷେତ୍ରରେ ଦଳକୁ ଅନେକ ବିଜୟର ଭେଟି ଦେଇଛନ୍ତି। କିନ୍ତୁ ସଂସଦୀୟ କ୍ଷେତ୍ରର ଫଳାଫଳ ଓଲଟା ସୂଚାଉଛି କି ଯେ ଓଡ଼ିଶାରେ ମୋଦି ସୁନାମୀ ବିଜେଡ଼ିକୁ ମାଫ୍ ଦେଇଛି। ଓଡ଼ିଶାରେ ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ସହ କନକବର୍ଦ୍ଧନ ସିଂହଦେଓଙ୍କ ଭଳି ପ୍ରଭାବଶାଳୀ ନେତା ଓଡ଼ିଶାରେ ଦଳକୁ ଶକ୍ତିଶାଳୀ କରିବା ସହ ବିଜେପିର ସଂସଦୀୟ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ବିଜୟ ଜୟଯାତ୍ରାର ଶ୍ରେୟ ନେଇଛନ୍ତି। ସମଗ୍ର ଓଡ଼ିଶାରେ ବିଜେପି ଶକ୍ତିଶାଳୀ ହେବା ସହ ଯେଉଁପରି ଭାବରେ ବିଜେଡ଼ିକୁ କଡା ଟକ୍କର ଦେଇ ମୁଣ୍ଡ ଟେକିଛି ତାହା ଆଗାମୀ ଦିନ ପାଇଁ ବିଜେଡ଼ିକୁ ବହୁତ ମହଙ୍ଗା ପଡ଼ିବ। ଓଡ଼ିଶାରେ ବିଜେଡ଼ି କେବଳ ବିଜୁ ବାବୁଙ୍କ ନାମ ନେଇ ନବୀନ ବାବୁଙ୍କ ସଫଳ ନେତୃତ୍ୱର ଭୋଟ ପାଇବାରେ ସକ୍ଷମ ହୋଇଛି। ଜଣେ ସୁଦକ୍ଷ, ନିର୍ମଳ ବ୍ୟକ୍ତିତ୍ୱ ଓ ଓଡ଼ିଶାର ପ୍ରଗତି ପାଇଁ କାର୍ଯ୍ୟ କରୁଥିବା ନବୀନ ବାବୁଙ୍କ ଲଗାତାର ପ୍ରୟାସର ସୁଫଳ ଦଳ ପାଇଛି ନିଶ୍ଚୟ କିନ୍ତୁ ବିଜେପି ଯେଉଁ ପରି ଭାବେ ଦିନକୁ ଦିନ ଶକ୍ତିଶାଳୀ ହେଉଛି ତାହା ବିଜେଡ଼ି ପାଇଁ କାଣ୍ଟେକା ଟକ୍କର ପରି ଓଡ଼ିଶାରେ ବିଜେପି ଯେଉଁ ପରି ଶକ୍ତିଶାଳୀ ହେଉଛି ଏହି ଲେଖା ପ୍ରସ୍ତୁତି ହେବା ବେଳକୁ କେନ୍ଦ୍ରର ମୋଦି ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟ ପାହ୍ୟା ପାଇଥିବାବେଳେ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। କିନ୍ତୁ ଚଳିତ ନିର୍ବାଚନରେ ଗୋଟିଏ ପ୍ରସଙ୍ଗ ସୂଚାଇଛି କି ଯେ ଓଡ଼ିଶାରେ କେହି ବି ଜଣେ ସର୍ବଗ୍ରହଣୀୟ ନେତା ହୋଇପାରି ନାହାନ୍ତି। ତେଣୁ କାଳ କାଳକୁ ଏହି ବାକ୍ୟଟି ହିଁ ସତ୍ୟ ଉତ୍କଳରେ ନେତା ନାହିଁ ପ୍ରୟୋଜନ।

*ପୁରୁଣା ସୋନାରୀ, ଜାମସେଦପୁର*



# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ସୋଲାର ଲଣ୍ଠନ ବଣ୍ଟନ

**ଭୁବନେଶ୍ୱର, ୧।୬ (ନି.ପ୍ର):** ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସଭ୍ୟମାନଙ୍କ ତରଫରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ କାଳିଆପଦର ଗ୍ରାମର ୩ଟି ବସ୍ତିରେ ଫନି ବାତ୍ୟା ପ୍ରପୀଡ଼ିତ ପରିବାରମାନଙ୍କୁ ସୋଲାର ଲଣ୍ଠନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମଞ୍ଚର ଅଧକ୍ଷ ଡଃ ନନ୍ଦ ନନ୍ଦନ ଦାସ, ସାଧାରଣ ସମ୍ପାଦକ ଇଂ ଜଗବନ୍ଧୁ ଷଡ଼ଙ୍ଗୀ, ସଭ୍ୟ ଆଡ଼ଭୋକେଟ ସୁଧୀର ମହାନ୍ତି, ଆଡ଼ଭୋକେଟ ରଣଜିତ ସାହୁ, ସଭ୍ୟା ଉପାସନା ରାଓ ଓ ମଞ୍ଚର ନିମାପଡ଼ା



ଶାଖା ତରଫରୁ ସଭାପତି ଗଦାଧର ପରିଡ଼ା, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକ୍ରମକୁ ସୁରୁରୁ ରୂପେ ସମ୍ପାଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଓକିଲ ଦିଲ୍ଲୀପ ପଟ୍ଟନାୟକ ଓ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମହାପାତ୍ର ଉପସ୍ଥିତ ରହି ମଞ୍ଚର ସଭ୍ୟମାନଙ୍କୁ ସହାୟତା କରିଥିଲେ। ପ୍ରକାଶଥାଉକି ଉକ୍ତ ଅଞ୍ଚଳରେ ବିଜୁଳି ଯୋଗାଣ ନଥିବାରୁ ଗ୍ରାମବାସୀମାନେ ଅନ୍ଧକାରରେ ରାତ୍ରି କଟାଉଛନ୍ତି।

# ଆଦାନୀ ଏଣ୍ଟରପ୍ରାଇଜ୍‌ର ଚତୁର୍ଥ ତ୍ରୟମାସର ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର, ୧।୬ (ନି.ପ୍ର):** ଆଦାନୀ ଗ୍ରୁପର ଅଂଶବିଶେଷ ତଥା ଭାରତର ସର୍ବବୃହତ କମ୍ପାନୀ ଆଦାନୀ ଏଂଟ୍ରପ୍ରାଇଜ୍ ଲିମିଟେଡ୍ (ଏଇଏଲ))ପକ୍ଷରୁ ଏହାର ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ଚତୁର୍ଥ ତ୍ରୟମାସିକ ତଥା ବାର୍ଷିକ ଫଳାଫଳ ଘୋଷଣା କରାଯାଇଛି।

ଚତୁର୍ଥ ତ୍ରୟମାସରେ ଏହାର କାର୍ଯ୍ୟକାରୀ ଆୟରେ ୩୬% ବୃଦ୍ଧି ପାଇ ଏହା ୧୩,୨୩୭ କୋଟି ହୋଇଥିବାବେଳେ ଗତ ତ୍ରୟମାସରେ ଏହା ୩୫,୯୨୪ କୋଟିଥିଲା। ଏହାର ଏବିଡିଟା ଚଳିତ ବର୍ଷ ୨,୫୪୧କୋଟି ଟଙ୍କା ହୋଇଛି। ଗତ ବର୍ଷ ଏହି ସମୟରେ ଏହା ୯୯୪ କୋଟି ଟଙ୍କା ଥିଲା। ଚତୁର୍ଥ ତ୍ରୟମାସରେ ଟିକସ ପରବର୍ତୀ ଲାଭ ୨୮୩ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଏହି ସମୟରେ ଏହାର ପରିମାଣ ୧୮୮ କୋଟି ଟଙ୍କା ଥିଲା। ସେହିପରି ଚଳିତ ବର୍ଷ ଏହାର କାର୍ଯ୍ୟକାରୀ ଆୟରେ ୧୨% ବୃଦ୍ଧି ପାଇ ଏହା ୪୦,୩୭୯ କୋଟି ହୋଇଥିବାବେଳେ ଗତ ତ୍ରୟମାସରେ ଏହା ୯,୭୬୭ କୋଟିଥିଲା। ଏହାର ଏବିଡିଟା ୫% ହ୍ରାସ ହୋଇ ୯୪୩ କୋଟି ଟଙ୍କା ହୋଇଛି। ଗତ ବର୍ଷ ଏହି ସମୟରେ ଏହା ୯୯୪ କୋଟି ଟଙ୍କା ଥିଲା। ଚତୁର୍ଥ ତ୍ରୟମାସରେ ଟିକସ ପରବର୍ତୀ ଲାଭ ୨୮୩ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଏହି ସମୟରେ ଏହାର ପରିମାଣ ୧୮୮ କୋଟି ଟଙ୍କା ଥିଲା। ଏହି ଅବସରରେ ଆଦାନୀ ଗ୍ରୁପ୍‌ର ଅଧକ୍ଷ ଗୌତମ ଆଦାନୀ କହିଛନ୍ତି ଯେ, "ଏହି ସମୟରେ ଉଚ୍ଚ ମୂଲ୍ୟର ସାମଗ୍ରୀ ଆମକୁ ଏହି ସଫଳତା ଉପଲବ୍ଧ କରାଇଛି। ସରକାରଙ୍କ ନୀତି ଅନୁସାରେ ଆମେ କାର୍ଯ୍ୟଧାରା ଜାରି ରଖିଛୁ। ପ୍ରତିଟି କ୍ଷେତ୍ରରେ ଆମେ ଶ୍ରେଷ୍ଠ କାରବାର ଲକ୍ଷ୍ୟ ରଖିଛୁ। ବିଶ୍ୱସ୍ତରରେ ଆମେ ସଫଳତା ହାସଲ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରିଛୁ।" ଏହାର କୋଇଲା ଏମଡିଓ ଭଲ୍ୟୁମ୍‌ରେ ଚତୁର୍ଥ ତ୍ରୟମାସରେ ୯୦% ବୃଦ୍ଧି ହୋଇ ୩.୬୮ ନିୟୁତ ମେଟ୍ରିକ୍ ଟନ୍ ହୋଇଛି। ଗତ ବର୍ଷ ଏହା ୧.୯୪ ଏମଏମଟି ଥିଲା। ସେହିପରି ଏହାର ଆଇସଏମ୍ ଭଲ୍ୟୁମ୍ ଚତୁର୍ଥ ତ୍ରୟମାସରେ ୫୩% ବୃଦ୍ଧି ହୋଇ ୨୪.୬୮ ଏମଏମଟି ହୋଇଛି। ଗତ ତ୍ରୟମାସରେ ଏହାର ପରିମାଣ ୧୬.୧୩ଏମଏମଟି ଥିଲା। ଚତୁର୍ଥ ତ୍ରୟମାସରେ ସୋଲାର ମାନ୍ୟୁଫାକଚରିଂରେ ୨୯% ବୃଦ୍ଧି ହୋଇ ଏହା ୨୬୦ ମେଗା ୱାଟ୍ ହୋଇଛି। ଗତ ତ୍ରୟମାସରେ ଏହା ୨୦୨ ମେଗା ୱାଟ୍ ଥିଲା। ଏହାର କୋଇଲା ଏମଡିଓ ଭଲ୍ୟୁମ୍‌ରେରେ ଚଳିତ ବର୍ଷ ୭୨% ବୃଦ୍ଧି ହୋଇ ୧୨.୧୩ ନିୟୁତ ମେଟ୍ରିକ୍ ଟନ୍ ହୋଇଛି। ଗତ ବର୍ଷ ଏହା ୭.୦୪ ଏମଏମଟି ଥିଲା। ସେହିପରି ଏହାର ଆଇସଏମ୍ ଭଲ୍ୟୁମ୍ ୬୭.୪୫ ଏମଏମଟି ହୋଇଛି। ଗତ ବର୍ଷ ଏହାର ପରିମାଣ ୬୬.୦୫ଏମଏମଟି ଥିଲା। ସେହିପରି ଚଳିତ ବର୍ଷ ସୋଲାର ମାନ୍ୟୁଫାକଚରିଂରେ ୧୧% ବୃଦ୍ଧି ହୋଇ ଏହା ୬୩୭ ମେଗା ୱାଟ୍ ହୋଇଛି। ଗତବର୍ଷ ଏହା ୫୭୪ ମେଗା ୱାଟ୍ ଥିଲା। ଏହାର ଆଗ୍ରୋ ବ୍ରାଣ୍ଡ୍‌ରେ ଫର୍ଚ୍ୟୁନ୍ ବ୍ରାଣ୍ଡ୍‌ର ମାର୍କେଟ ଶେୟାର ୨୦% ବୃଦ୍ଧି ହୋଇଛି।

# ଛୁଟିଦିନ କଟାଇବା ପାଇଁ ଯୋଜନା

**ସୁଇଜରଲାଣ୍ଡ ୧।୬:** ଆଗକୁ ଆସୁଛି ଛୁଟି ଦିନ। ଏହାକୁ କିଭଳି ଆନନ୍ଦରେ ବିତାଇବେ ତାହାର ଯୋଜନା ଏବେ କରାଯିବା ଆବଶ୍ୟକ।

ଛୁଟିରେ ଅଷ୍ଟ୍ରେଲିଆରେ ଭିଭିଡ୍ ସିଡ୍‌ନୀରେ ଯୋଗଦେଇ ବିଶ୍ୱସ୍ତରୀୟ ଫେବୃୟାରୀରୁ ମାର୍ଚ୍ଚ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଇଷ୍ଟର ପର୍ବର ୪୦ ଦିନ ପୂର୍ବରୁ ଏହା ପାଳିତ ହୋଇଥାଏ। ଏଥିରେ ୭୦ରୁ ଅଧିକ ସାମ୍ବା ସ୍କୁଲ ମଧ୍ୟରେ ପ୍ରତିଯୋଗୀତା ହୋଇଥାଏ। ସ୍ପେନ୍‌ର ଭାଲେନ୍ସିଆରେ ହେଉଥିବା ଲା ନାହିଁ।

ଅୟାରଲାଣ୍ଡ ହବଲିନ୍‌ରେ ସେଂଟ୍ ପ୍ରାଟ୍ରିକସ୍ ଫେଷ୍ଟଭାଲ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହି ଅବସରରେ ଲୋକ ଗୋଟିଏ ସପ୍ତାହରେ ୫ ନିୟୁତରୁ ଅଧିକ ବୋତଲ ହ୍ୱିସ୍କି ପିଇଥାନ୍ତି।



ମଜ୍ଜା ନେବାର ଅବସର ରହିଛି। ଏହା ଡାର୍ଲିଂ ହାରବରରେ ଅନୁଷ୍ଠିତ ହୋଇଥାଏ। ଏହି ସଂଗୀତ ଥା ଆଲୋକର କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷିତ କରିଥାଏ। ଏଠାକାର ଲାଇଟ୍ ୱାକ୍ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ।

ସେହିପରି ବ୍ରାଜିଲ୍‌ର ରିଓ ଡେ ଜେନେରିଓରେ ହେଉଥିବା କାର୍ନିଭାଲରେ ଯୋଗଦେଇ ଆନନ୍ଦ ଅନୁଭବ କରନ୍ତୁ। ଏହି ୫ ଦିନିଆ ଉତ୍ସବରେ ୫ ନିୟୁତରୁ ଅଧିକ ଲୋକଙ୍କର ସମାଗମ ହୋଇଥାଏ। ଏହା ଟୋମାଟିନା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ୧୯୪୫ଠାରୁ ଏହି ପରମ୍ପରା ପାଳିତ ହେଉଛି। ଏଠାରେ ଟମାଟୋ ଫିଙ୍ଗା ଉତ୍ସବ ପାଳିତ ହୋଇଥାଏ। ବନ୍ଧୁବାନ୍ଧବମାନେ ଏହି ଅବସରରେ ପରସ୍ପର ଉପରକୁ ଏହି ଅବସରରେ ଟମାଟୋ ଫୋପାଡିଥାନ୍ତି।

ଲୁଇସିଆନାର ନିୟୁ ଓରଲେନାରେ ନାରଦି ଗ୍ରାସ୍ ଉତ୍ସବ ପାଳିତ ହୋଇଥାଏ। ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଇଷ୍ଟର ଅବସରରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଉପାସ କରିଥାନ୍ତି। ତେଣୁ ଛୁଟିରେ ଏହି ଉତ୍ସବରେ ଯୋଗଦେବାର ସୁଯୋଗ ହାତଛଡା କରନ୍ତୁ ସୁଇଜରଲାଣ୍ଡର ମୋଣ୍ଟ୍ରେଂୟୁକ୍ସରେ ପାଳିତ ହେଉଥିବା ମୋଣ୍ଟ୍ରେଂୟୁକ୍ସ ଜାଜ୍ ଫେଷ୍ଟିଭାଲ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ପ୍ରତିବର୍ଷ ଜୁଲାଇରେ ଏହି ଉତ୍ସବ ପାଳିତ ହୋଇଥାଏ।

ଭାରତର ବୃନ୍ଦାବନରେ ପାଳିତ ହେଉଥିବା ହୋଲି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବ୍ରଜ ଭୂମିରେ ବିଭିନ୍ନ ରଙ୍ଗରେ ହୋଲି ଖେଳିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥାଏ। ଏହି ଅବସରରେ ସ୍ଥାନୀୟ ବିଭିନ୍ନ ମନ୍ଦିରରେ ଭାଙ୍ଗ ଏବଂ ଘୁଜିୟା ଭିଳିଥାଏ। ଏହା ପ୍ରତିବର୍ଷ ମାର୍ଚ୍ଚ ମାସ ପୂର୍ଣ୍ଣମୀରେ ପାଳିତ ହୋଇଥାଏ।

## କବାଡ଼ି ଦକ୍ଷତାଭିତ୍ତିକ ପ୍ରଦର୍ଶନୀ ମ୍ୟାଚ୍

# ବିଶ୍ରା ଷ୍ଟାଡ଼ିୟମରେ କୋଚିଂ କ୍ୟାମ୍ପ

ରାଉରକେଲା, ୧।୬ (ନି.ପ୍ର) : କଳିଙ୍ଗ ଫେଡ଼େରେସନ ଓ ସୁନ୍ଦରଗଡ଼ କବାଡ଼ି ଡେଭଲେପମେଂଟ ସୋସାଇଟି ମିଳିତ ଆନୁକୂଲ୍ୟରେ ବିଶ୍ରା ଷ୍ଟାଡ଼ିୟମଠାରେ ଏପ୍ରିଲ ୨୯- ଜୁନ ୮ ପର୍ଯ୍ୟନ୍ତ କ୍ରୀଡ଼ା କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେଉଛି। ଏଥିରେ ଫୁଟବଲ, ଭଲିବଲ, କବାଡ଼ି ଆଦି କ୍ରୀଡ଼ାର ବିଶେଷଜ୍ଞ ତଥା ଜାତୀୟ ଖେଳାଳୀ ତାଲିମ ଦେଉଛନ୍ତି। ଏହି ଏକ ମାସ ବ୍ୟାପୀ କବାଡ଼ି କୋଚିଂରେ ଏକ ଦକ୍ଷତାର ଭିତ୍ତିକ ପ୍ରଦର୍ଶନୀ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଜାତୀୟ ଓ ନୂତନ ପ୍ରତିଭା ମାନେ ଅଂଶ ଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସମେତ କୁତ୍ରା, ଭାଲୁଲତା, ରାଜଗାଙ୍ଗପୁର, ଲହଣ୍ଡ ତଥା ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଉଭୟ ମହିଳା ଓ ପୁରୁଷ ଖେଳାଳୀ ମାନେ ଯୋଗ ଦେଇ ଉତ୍ତମ ପ୍ରଦର୍ଶନ କରିଥିଲେ।



ଜାତୀୟ ଖେଳାଳୀ ମାନେ ବିଭିନ୍ନ କୌଶଳ ପ୍ରଦାନ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉକ୍ତ ଖେଳାଳୀ ମାନଙ୍କୁ ପହଂଚାଇବା ଉଦ୍ଦେଶ୍ୟରେ ହୋଇଥିବା କୋଚିଂ କ୍ୟାମ୍ପରେରେ ଜାତୀୟ କବାଡ଼ି ଖେଳାଳୀ ତଥା ଆରଏସପି କୋଚ ପ୍ରେମାନନ୍ଦ ଶତପଥୀ, ଓଡ଼ିଶା କବାଡ଼ି କୋଚ ଶୁକ୍ରୁ ତନ୍ତୀ, ଜାତୀୟ ଖେଳାଳୀ ରଂଜିତ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୁଲିସ ଅଧିକାରୀ ଗୁରୁବାରୀ ହେମ୍ବ୍ରମ, ପ୍ରେମାନନ୍ଦ ଶତପଥୀ, କଳିଙ୍ଗ ଫେଡ଼େରେସନର ସମ୍ପାଦକ ସଞ୍ଜୟ ବାବୁଟା, ଚନ୍ଦ୍ରଶେଖର ସ୍ପୋର୍ଟସ ଆସୋସିଏସନର ଦେବଦତ୍ତ ଜେନା, ବଳରାମ ମାଝୀ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ଲେଙ୍କ, ସୁଜାତା ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ରଂଜିତ ମଲ୍ଲିକ ଓ ବିଶ୍ୱନାଥ ଲେଙ୍କା ଖେଳକୁ ସଂଯୋଜନା କରିଥିଲେ। ଏଥିରେ ଉଭୟ ମହିଳା ଓ ପୁରୁଷ ବର୍ଗରେ କବାଡ଼ି ଖେଳ ଆୟୋଜିତ ହୋଇଥିଲା। ମାସବ୍ୟାପୀ କୋଚିଂରେ ତାଲିମ ଦିଆଯାଇଥିବା ଖେଳ କୌଶଳ ଖେଳାଳୀ ମାନେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରିଥିଲେ।

# ବିଜେପୁରବାସୀଙ୍କୁ ପୁଣି ଠକିଲେ ନବୀନ : ବିଜେପି

ଭୁବନେଶ୍ୱର, ୧।୬ (ନି.ପ୍ର): ବିଜେପୁର ହେବାକୁ ଥିବା ଉପ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ବିଜେପୁର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ପଂଚମ ପାଳିରେ ପ୍ରଥମ ପ୍ରତାରଣା ବୋଲି କହିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର । ଶ୍ରୀ ମିଶ୍ର କହିଛନ୍ତି ଯେ ୨୦୧୭ ମସିହାରେ ବିଜେପୁର ଉପ ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନବାବୁ ବିଜେପୁର ପାଇଁ ଯାହା ପ୍ୟାକେଜ ଘୋଷଣା କରିଥିଲେ ସେଥିରୁ ଏବେ ଯାଏ କେଉଁ ଗୋଟିଏ ପ୍ରକଳ୍ପର କାମ ଆରମ୍ଭ ହୋଇନାହିଁ । ଉପ ନିର୍ବାଚନ ପୁର୍ବରୁ ଯାହା କହିଥିଲେ ସାଧାରଣ ନିର୍ବାଚନ ପ୍ରଚାରରେ ବି ସେଇ ସମାନ ପ୍ରତିଶୃତି ଦୋହରାଇଲେ । ପୂର୍ବରୁ ବାରମ୍ବାର ମିଥ୍ୟା ପ୍ରତିଶୃତି ଦେଇ ପ୍ରତରଣା କରିବାରେ ମାହିର ଥିବା ନବୀନ ବାବୁ ନିଜେ ବିଜେପୁରରୁ ଲଢି ଆଉ ମିଥ୍ୟା ପ୍ରତିଶୃତି ଦେଇ ବିଜେପୁର ବାସୀଙ୍କୁ ଅପମାନିତ କରି ଚାଲିଛନ୍ତି। ବୋଧହୁଏ ନବୀନ ବାବୁ ବିଜେପୁର ଆସନ ଛାଡିବେ ଓ ତାକୁ ଆଖି ଆଗରେ ନବୀନ ବାବୁ ଏହି ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ପ୍ୟାକେଜ୍ ବିଜେପୁର ପାଇଁ ପ୍ରତାରଣା ସଦୃଶ। ଏହି ପ୍ୟାକେଜରେ ନୁଆ କଥା କିଛି ନାହିଁ । କେବଳ ପୁରୁଣା ଘୋଷଣାକୁ ଆଉ ଥରେ ଘୋଷଣା କରିଛନ୍ତି । କେବଳ ପ୍ୟାକେଜ ଘୋଷଣା କରି ବିଜେପୁର ବାସିଙ୍କୁ ମୁଖ୍ୟମନ୍ତ୍ରୀ ଆଉ କେତେ ଦିନ ପ୍ରତାରଣା କରିବେ ବୋଲି ଜୟନାରାୟଣ କହିଛନ୍ତି ।

# ଠିକା ଶ୍ରମିକଙ୍କ ପାଇଁ ସୁରକ୍ଷା କାର୍ଯ୍ୟକ୍ରମ

ରାଉରକେଲା, ୧।୬ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ପାଇଁ ବ୍ୟବହାର ସୁରକ୍ଷା ଅନ୍ତର୍ଗତ ଭାଇ-ଭଉଣୀ ଓ ବନ୍ଧୁଙ୍କ ସୁରକ୍ଷା' କାର୍ଯ୍ୟକ୍ରମ ଏଚଆରଡ଼ି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ବିବିଏସ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ହରିବଂଶ ଲାଲ କୈଳାଙ୍କ ଦ୍ୱାରା ଅନୁଷ୍ଠିତ ଏହି ଅଧିବେଶନରେ ୧୩୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ଅଂଶ ଗ୍ରହଣ କରିଥିଲେ। ଡ. ହରିବଂଶ ଲାଲ କୈଳା ଅତି ସରଳ ରୂପେ ସୁରକ୍ଷାର ପ୍ରକୃତ ପରିଭାଷା ତଥ୍ୟ ରଖିଥିଲେ। ସେ ଦେଶବିଦେଶରେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ଉଦାହରଣ ପ୍ରଦାନ କରିଥିଲେ। ସେ ଅସୁରକ୍ଷିତ ବ୍ୟବହାର ଓ ସ୍ଥିତିକୁ ଅଣଦେଖା ନକରିବା ଉପରେ ବିଶେଷ ଜୋର ଦେଇଥିଲେ। ସେ ପାରସ୍ପରିକ ସୁରକ୍ଷା ପ୍ରତି ଯତ୍ନଶୀଳ ହେବାପାଇଁ ତଥା ପଶ୍ଚାତାପ କରିବା ଅପେକ୍ଷା ପାରସ୍ପରିକ ନିର୍ଭରଶୀଳ ସୁରକ୍ଷା ସଂସ୍କୃତି ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଇଞ୍ଜିନିୟରିଙ୍ଗ୍ ବିଭାଗ ଓ ଏଚ୍‌ଆରଡ଼ିସି ମିଳିତ ରୂପେ ପରିଚାଳନା କରିଥିଲେ।

# ପ୍ରିଲ୍ୟୁଡ୍ ପକ୍ଷରୁ ମ୍ୟୁଜିକ୍ ଆଣ୍ଡ୍ ମୋର୍ କାର୍ଯ୍ୟକ୍ରମ

## ମହତ ଉଦ୍ଦେଶ୍ୟରେ ଆୟୋଜିତ ଏକ ୧୨ ଘଣ୍ଟିଆ ସଙ୍ଗୀତ ସମାରୋହ

ଭୁବନେଶ୍ୱର, ୧।୬ (ନି.ପ୍ର): ପ୍ରଳୟଙ୍କରୀ ମହାବାତ୍ୟା ଫନୀ ପ୍ରପୀଡିତ ଜନସାଧାରଣମାନଙ୍କୁ ସାହାଯ୍ୟ ଏବଂ ସେମାନଙ୍କ ସହ ଯୋଡି ହେବାର ମହତ୍ ଉଦ୍ଦେଶ୍ୟ ନେଇ, ଓଡିଶା ସ୍ଥିତ ଏକ ୩୬୦ ଡିଗ୍ରୀ ମିଡିଆ କମ୍ୟୁନିକେସନ୍ ଏବଂ ଉଭେଂଟ୍ ମ୍ୟାନେଜ୍‌ମେଂଟ୍ ସଂସ୍ଥା ପ୍ରିଲ୍ୟୁଡ୍ ପକ୍ଷରୁ ଚଳିତ ବର୍ଷ ଜୁନ୍ ମାସ ୧ ତାରିଖ ଦିନ ଭୁବନେଶ୍ୱରର ମାଷ୍ଟର କ୍ୟାଣଟିନ୍ ଠାରେ ଥିବା ବୋକା କେଫେର ଭବ୍ୟ ପରିବେଶ ମଧ୍ୟରେ ଦିନ ୧୦ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଏକ ୧୨ ଘଂଟିଆ ସଙ୍ଗୀତ ସମାରୋହ ଆୟୋଜନ କରାଯାଇଥିଲା। ଏକ ମହତ୍ ଉଦ୍ଦେଶ୍ୟ ପାଇଁ ସଙ୍ଗୀତ ମାଧ୍ୟମରେ ଗାୟକ ଗାୟିକା, ସଙ୍ଗୀତକାର, ମନୋରନକାରୀ ଏବଂ କଳାପ୍ରେମୀମାନଙ୍କୁ ଏକତ୍ରିତ କରିବା ମ୍ୟୁଜିକ୍ ଆଣ୍ଡ୍ ମୋର୍ କାର୍ଯ୍ୟକ୍ରମ ଆୟୋଜନର ଏକ ମୂଳ ଲକ୍ଷ୍ୟ।

ମ୍ୟୁଜିକ୍ ଆଣ୍ଡ୍ ମୋର୍ କାର୍ଯ୍ୟକ୍ରମର ଅଧିବେଶନଗୁଡିକ ସ୍ମୃତି ମଧୁର ସଙ୍ଗୀତ ମାଧ୍ୟମରେ ପ୍ରଳୟଙ୍କରୀ ମହାବାତ୍ୟା



ଫନୀ ସମୟରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ଦୁଃସାହସିକ ପ୍ରଦର୍ଶନ କରିଥିବା ଦାୟିତ୍ୱସମ୍ପନ୍ନ ଜନସାଧାରଣ ଏବଂ ସଂସ୍ଥାମାନଙ୍କର କାହାଣୀ ପରିପ୍ରକାଶ କରାଯାଇଥିଲା।

ପ୍ରାରମ୍ଭରେ ଏହି ସଙ୍ଗୀତଭିତିକ ସମାରୋହକୁ, ମୁମ୍ବାଇ ନିବାସୀ ଓଡିଆ ଅଭିନେତ୍ରୀ ଏବଂ ଚଳଚ୍ଚିତ୍ର ନିର୍ମାତା ତଥା ପରିବେଶ ପ୍ରେମୀ ଶ୍ରୀମତୀ ଡଲି ଜେନା, ବକୁଳ ଫାଇଣ୍ଡେସନ୍ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୁଜିତ୍ ମହାପାତ୍ର ଏବଂ ପ୍ରିଲ୍ୟୁଡ୍ ନୋବେଲ୍ ଭେନ୍‌ଚ୍ୟୁର୍ ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସତ୍ୟବ୍ରତ ସାନୁ ରଥଙ୍କ ଗରିମାମୟ ଉପସ୍ଥିତିରେ ଓଡିଶା ଚଳଚ୍ଚିତ୍ର ବିକାଶ ସଂସ୍ଥାର ଅଧକ୍ଷ କୁନା ତ୍ରିପାଠୀ ଓ ଅର୍ନ୍ତଜାତୀୟ ଖ୍ୟାତନାମା ବାଲୁକା ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

ଦର୍ଶକଙ୍କୁ ସମ୍ବୋଧନ କରିବା ଅବସରରେ ଶ୍ରୀଯୁକ୍ତ କୁନା ତ୍ରିପାଠୀ ଗଛଗୁଡିକୁ ଆମ ମା ବୋଲି ବିବେଚନା କରିଥିଲେ। ସେ ଗଛ ଲଗାଇବା ଦ୍ୱାରା ସନ୍ତୁଳିତ ଜୀବନଶୈଳୀ ପ୍ରାପ୍ତ ବିଷୟରେ କହିଥିଲେ ଏବଂ ପୃଥିବୀକୁ ରକ୍ଷା କରିବା ପାଇଁ ସେ ସମାଜର ସାମୂହିକ ଉଦ୍ୟମ ପାଇଁ ଆହ୍ୱାନ କରିଥିଲେ। ନୂତନ ଓଡିଶା ଗଠନ ନିମନ୍ତେ ସେ ଆହୁରି ମଧ୍ୟ ସମାଜକୁ କିଛି ଅନୁଦାନ ଦେବା ପାଇଁ କହିଥିଲେ ଯେଉଁ ଉଦ୍ଦେଶ୍ୟରେ ସେ ନିଜେ ମଧ୍ୟ ଫନୀ ପ୍ରପୀଡିତ ସମୁଦାୟ ପାଇଁ କିଛି ଅନୁଦାନ ପ୍ରଦାନ କରିଥିଲେ।

ଏହି ଅଭିଯାନର ସୂତ୍ରଧର ସତ୍ୟବ୍ରତ ସାନୁ ରଥ ଏହିପରି ଏକ ସଫଳ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଙ୍ଗୀତ ଏପରି କିଛି ଯାହା ମୋ ହୃଦୟର ଅତି ନିକଟତର ଏବଂ ସଙ୍ଗୀତ ମାଧ୍ୟମରେ ଏପରି କିଛି କରିବାର ଭାବନା ମୋର ପୂର୍ବରୁ ଥିଲା ବୋଲି ମଧ୍ୟ ସେ କହିଥିଲେ। ଲୋକମାନଙ୍କୁ ଏକତ୍ରିତ କରିବା ଓ ଓଡିଶା ପୁନଃଗଠନରେ ସହଯୋଗ କରିବା ନିମନ୍ତେ ମ୍ୟୁଜିକ୍ ଆଣ୍ଡ୍ ମୋର୍ ଏକ ଅଭିଯାନ ଏବଂ ଆଗକୁ ଚାଲୁ ରହିବା ଅଭିଯାନ ମାତ୍ର ବୋଲି ଶ୍ରୀ ରଥ କହିଥିଲେ। ଏହିପରି ପ୍ରଥମ ନିଜସ୍ୱ ଏକ ୧୨ ଘଂଟିଆ ସଙ୍ଗୀତ ସମାରୋହର ସଫଳ ରୂପାୟନ ପରେ କିଛି ମହତ୍ ଉଦ୍ଦେଶ୍ୟ ନେଇ ଦିବ୍ୟଧାମ ପୁରୀଠାରେ ଏକ ୨୪ ଘଂଟିଆ ସଙ୍ଗୀତ ସମାରୋହ ଆୟୋଜନର ଲକ୍ଷ୍ୟ ମୋର ରହିଛଇ ବୋଲି ସେ ଆହୁରି ମଧ୍ୟ କହିଥିଲେ।



# ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**କେନ୍ଦ୍ରାପଡ଼ା,୧/୬(ନିପ୍ର):** କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉର୍ମିଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବାର୍ତ୍ତା ରହିଛି "ତମାଖୁ ଓ ଫୁସ ଫୁସ ସ୍ୱାସ୍ଥ୍ୟ" । ପ୍ରତିବର୍ଷ ମଇ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳିତ ହୋଇଆସୁଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିଶ୍ର ତାଙ୍କ ଉଦବୋଧନରେ କହିଥିଲେ ଯେ ଜୀବ ସତ୍ତାକୁ ସୁରକ୍ଷୀତ ରଖିବାକୁ ଏହା ଏକ ପ୍ରୟାସ । ପ୍ରତ୍ୟେକ ବର୍ଷ ତମାଖୁ ସେବନରେ ଭାରତ ବର୍ଷରେ ୭ଲକ୍ଷ ଲୋକ ମୃତ୍ୟୁ ବରଣ କରୁଛନ୍ତି । ପାନ, ଗୁଟଖା, ଗୁଡାଖୁ, ସିଗାରେଟ, ମଦ ଚାଖୁ ଚାଖୁ ନିଶାରେ ପରିଣତ ହୋଇଥାଏ । ଥରେ ନିଶା ସେବନ କଲେ ତାହାର ନିକୋଟିନ, ଟକ୍ସିନ, ଏସିଡ ଫୁସ ଫୁସ ପ୍ରଭୃତିର କ୍ଷତି ଘଟାଇଥାଏ । ଲୋକ କର୍କଟ, ଯକ୍ଷ୍ମା ପ୍ରଭୃତି ରୋଗରେ ପିଡିତ



ହୋଇ ମୃତ୍ୟୁ ବରଣ କରିଥାଏ । ଉତ୍ସବର ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀ ତାଙ୍କ ଉଦବୋଧନରେ କହିଥିଲେ ଯେ ଶିଶୁଟିର ପ୍ରାରମ୍ଭିକ ଶିକ୍ଷା ତା'ର ପରିବାରରୁ ହୋଇଥାଏ । ସେ ଯାହା ପରିବାରରୁ ଦେଖେ ତାହା ଶିଖିଥାଏ । ତମାଖୁ ନିରୋଧ ଆଇନ କାର୍ଯ୍ୟକାରି କରି ତମାଖୁ ସେବନ ହଟେଇବା ୨୦ ପ୍ରତିଶତ କାର୍ଯ୍ୟକାରି ହୋଇଥିବା ବେଳେ ସଚେତନତାରେ ୮୦ ପ୍ରତିଶତ ସଫଳତା ମିଳିଥାଏ । ତେଣୁ ସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ଗଞ୍ଜାମର ଜିଲ୍ଲାପାଳ ଥିବା ସମୟରେ ସେଠାରେ ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ସ୍ୱାସ୍ଥ୍ୟ ଶିକ୍ଷା, ପରିବେଶ ସୁରକ୍ଷା , ସ୍ୱଛତା ସମ୍ପର୍କୀତ ସଚେତନତା ବାର୍ତ୍ତାର କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରି କରିବାକୁ ଜିଲ୍ଲା ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ବିଭାଗ କୋଟପା ଆଇନର କାର୍ଯ୍ୟକାରିତା ତଥା ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ ନିଷେଧ ପ୍ରତି ଗୁରୁତ୍ୱାରୋପକରି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟଖା, ତମାଖୁ ସେବନ ନିଷେଧ ସମ୍ପର୍କୀତ ନିର୍ଦ୍ଦେଶନାମା ଜାରି କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ଜେନା ତମାଖୁ ବର୍ଜନ ସମ୍ପର୍କୀତ ବିଭିନ୍ନ ଆଇନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଆଲୋକ କୁମାର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମିର୍ଜା ବାବର ବେଗ ପାଓ୍ୱାର ପ୍ରେଜେଂଟେସନ ମାଧ୍ୟମରେ ତମାଖୁ ସେବନର ଅପକାରିତା ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.କିଶୋର କୁମାର ଆଚାର୍ଯ୍ୟ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରକାଶ ବାନାର୍ଜୀ, ନେଚର୍ସ କ୍ଲବର ବିରଜା ପତି, ସମସ୍ତ ନର୍ସିଂ ଛାତ୍ରୀ, ଡାକ୍ତରଖାନାର ଷ୍ଟାଫ ମାନେ ଯୋଗ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ମହିଳା ବିଜେଡିର ୩ଲକ୍ଷ ଟଙ୍କା ପ୍ରଦାନ

**ଭୁବନେଶ୍ୱର,୧/୬(ନିପ୍ର):** ଭୟାବହ ବାତ୍ୟା 'ଫନି'ରେ ଓଡ଼ିଶାର ୧୧ଟି ଜିଲ୍ଲା ଅନ୍ତର୍ଗତ ୧୪ ହଜାରରୁ ଅଧିକ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିଲା ବେଳେ ରାଜ୍ୟର ୧ କୋଟି ଲୋକ ପ୍ରଭାବିତ ହୋଇଛନ୍ତି । ବ୍ୟାପକ ସରକାରୀ ସଂପତ୍ତିର କ୍ଷୟକ୍ଷତି ଘଟିଛି । ଏପରି ଏକ ଚାଲେଞ୍ଜର ମୁକାବିଲା ପାଇଁ ଓଡ଼ିଶାବାସୀ ଯେଉଁ ଦୃଢ଼ ମନୋବଳ ଓ ଆତ୍ମପ୍ରତ୍ୟୟ ପ୍ରଦର୍ଶନ କରିଛନ୍ତି, ତାହା ଅତୁଳନୀୟ । କ୍ଷୟକ୍ଷତିର ମୁକାବିଲା ସହ ରାଜ୍ୟର ପୁନର୍ଗଠନ ପାଇଁ ବହୁ ବ୍ୟକ୍ତି ଅକୁଣ୍ଠଚିତ୍ତରେ ସହଯୋଗର ହାତ ବଢ଼ାଇଛନ୍ତି । କ୍ଷତିକୁ ଭରଣା କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଏହି ପରିପ୍ରେକ୍ଷୀରେ ଆଜି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଡ. ମିନତି ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହଯୋଗର ହାତ ବଢ଼ାଇବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି



ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୩ଲକ୍ଷ ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି । ଏହି ରିଲିଫ୍ ପାଣ୍ଠିକୁ ଓଡ଼ିଶାର ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାମାନେ ସହଯୋଗ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଡ. ଲୋପାମୁଦ୍ରା ବକ୍ସିପାତ୍ର, ଡ. ଗୀତାଞ୍ଜଳି ବସ୍ତିଆ, ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର, ରାଜ୍ୟ ଉପ-ସଭାନେତ୍ରୀ ସରୋଜିନୀ ରାଜ୍, ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ବାସନ୍ତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ସୋଲାର ଲଣ୍ଠନ ବଣ୍ଟନ




**ଭୁବନେଶ୍ୱର,୧।୬(ନିପ୍ର):** ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସଭ୍ୟମାନଙ୍କ ତରଫରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ କାଳିଆପଦର ଗ୍ରାମର ୩ଟି ବସ୍ତିରେ ଫନି ବାତ୍ୟା ପ୍ରପୀଡ଼ିତ ପରିବାରମାନଙ୍କୁ ସୋଲାର ଲଣ୍ଠନ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମଞ୍ଚର ଅଧ୍ୟକ୍ଷ ଡଃ ନନ୍ଦ ନନ୍ଦନ ଦାସ, ସାଧାରଣ ସମ୍ପାଦକ ଇଂ ଜଗବନ୍ଧୁ ଷଡ଼ଙ୍ଗୀ, ସଭ୍ୟ ଆଡ଼ଭୋକେଟ ସୁଧୀର ମହାନ୍ତି, ଆଡ଼ଭୋକେଟ ରଣଜିତ ସାହୁ, ସଭ୍ୟା ଉପାସନା ରାଓ ଓ ମଞ୍ଚର ନିମାପଡ଼ା ଶାଖା ତରଫରୁ ସଭାପତି ଗଦାଧର ପରିଡ଼ା, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଓକିଲ ଦିଲ୍ଲୀପ ପଟ୍ଟନାୟକ ଓ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମହାପାତ୍ର ଉପସ୍ଥିତ ରହି ମଞ୍ଚର ସଭ୍ୟମାନଙ୍କୁ ସହାୟତା କରିଥିଲେ । ପ୍ରକାଶଥାଉକି ଉକ୍ତ ଅଞ୍ଚଳରେ ବିଜୁଳି ଯୋଗାଣ ନଥିବାରୁ ଗ୍ରାମବାସୀମାନେ ଅନ୍ଧକାରରେ ରାତ୍ରି କଟାଉଛନ୍ତି ।

## ଆକ୍ସନ ମୁଡ୍‌ରେ ସଦର ବିଧାୟକ

# ରୂପ୍ସା ଜନ ସମସ୍ୟା ଓ ଗାଙ୍ଗଜୁଡି ପୋଲର ଜଳ ନିଷ୍କାସନ ପାଇଁ ବିଧାୟକଙ୍କ ଉଦ୍ୟମ

**ବାଲେଶ୍ୱର,୧/୬(ନି.ପ୍ର):** ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ ନବ ନିର୍ବାଚିତ ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ ଓରଫ ମଙ୍ଗୁ ଭାଇ ଏବେ ଆକ୍‌ସନ ମୁଡରେ । ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବାତ୍ୟା ବିର୍ପ୍ୟଯୟ ବୈଠକରେ ସରକାରୀ ବାବୁଙ୍କୁ ତାଗିଦ କରିଲା ପରେ ଆଜି ରୁପସା ଅଞ୍ଚଳର ବହୁଦିନର ଜନ - ସମସ୍ୟା ଗାଙ୍ଗଜୁଡି ପୋଲର ବନ୍ୟାଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ବିଧାୟକ ଏହି ବିଭାଗର ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କୁ ଧରି ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । କଷିପଦା ପଞ୍ଚାୟତ ଅ'ର୍ଗତ ଗାଙ୍ଗଜୁଡି ପୋଲ ଠାରୁ ଚୁଡାଖିଆ ପୋଲ ଯାଏ ଡ୍ରେନେଜ ଅବ୍ୟସ୍ଥା ଫଳରେ ବନ୍ୟାଜଳ ନିଷ୍କାସନ ନ ହେବା ଦ୍ୱାରା ବହୁ ଜମି ଜଳମଗ୍ନ ହୋଇ ଶହ ଶହ ଏକରର ଫସଲ ନଷ୍ଟ ହୋଇଯାଉଛି । ଏଥି ପାଇଁ ପୂର୍ବରୁ ବହୁବାର



ଗ୍ରାମବାସୀ ମାନେ ଅନେକ ଗୁହାରୀ ଓ ଜନ ଆନ୍ଦୋଳନ କରିଥିଲେ ହେଁ ଏହା ଫଳପ୍ରଦ ହୋଇନଥିଲା । ବିଧାୟକ ସଦର ମଙ୍ଗୁ ଭାଇ ଆଜି ଏହି ଅଞ୍ଚଳ ପରିଦର୍ଶନ କରି ଜାତୀୟ ରାଜପଥ ମୁଖ୍ୟ ଶ୍ରୀ ଟି.କେ. ବୈଦ୍ୟଙ୍କ ସହ କଥାବାର୍ତ୍ତା କରି ଏଠାରେ ତୁରନ୍ତ ପଥର ପେଚିଙ୍ଗ କରିବା ସହ ସ୍ଥାୟୀ କଲଭଟ୍ ନିର୍ମାଣ କରିବା ପାଇଁ ଶ୍ରୀ ବୈଦ୍ୟଙ୍କୁ ଅନୁରୋଧ କରିଥିଲେ ଯାହାଫଳରେ ଉକ୍ତ କଲଭଟ୍ ନିର୍ମାଣ ଦ୍ୱାରା ରୂପସାରେ ହୋଉଥିବା କୃତ୍ତିମ ବନ୍ୟାରୁ ରକ୍ଷା ମିଳି ପାରିବ । ସରପଞ୍ଚ ଅନିତା ବେହେରା, ସମିତି ସଭ୍ୟ ଅଭିପ୍ସା ନାୟକ, ତପନ ଗିରି, ରଶ୍ମି ରନ ଜେନା, ଗଙ୍ଗାଧର ରାଉତ, ଚତୁର୍ଭୁଜ ବେହେରା, ସୃଷ୍ଟିଧର ସେନାପତି, ଅନ୍ତର୍ଯ୍ୟାମି ବେହେରା, ଗଦାଧର ପଣ୍ଡିତ ଓ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ନିର୍ବାଚନମଣ୍ଡଳୀର ପ୍ରଭୂତ ବିକାଶ ମୋର ଲକ୍ଷ୍ୟ : ବିଷ୍ଣୁ ସେଠୀ

**ଭଦ୍ରକ,୧।୬(ନିପ୍ର):** ପ୍ରାକୃତିକ ବିପର୍ଯ୍ୟୟଗ୍ରସ୍ତ ଧାମନଗର ନିର୍ବାଚନ ମଣ୍ଡଳୀର ସ୍ଥାୟୀ ସମାଧାନ ଦିଗରେ ନିଜସ୍ୱ ଅନ୍ତିମ ପ୍ରୟାସ ଜାରୀ କରି ଲୋକଙ୍କର ଆସ୍ଥାଭାଜନ ହେବା ପାଇଁ ମୁଁ ସଂକଳ୍ପବଦ୍ଧ । ମୋଦି ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପରେ ଓଡ଼ିଶାର ଦୁଇଜଣ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସ୍ୱାଗତ ସମ୍ଭାଷଣ ଅବସରରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ମନ୍ତ୍ରୀ ଦ୍ୱୟଙ୍କୁ ଅବଗତ କରାଇଛନ୍ତି । ଧାମନଗର ବିଧାନସଭାର ବହୁବିଧ ଉନ୍ନତି ନିମନ୍ତେ ଓଡ଼ିଶାରେ ପ୍ରତିଷ୍ଠିତ ସରକାରଙ୍କ ସହଯୋଗର ହାତ ବଢାଇବା ଦରକାର ବୋଲି ଶ୍ରୀ ସେଠୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ବନ୍ୟା, ବାତ୍ୟା ଓ ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଏହାର ଅଧିବାସୀମାନେ ରାଜ୍ୟ ମଧ୍ୟରେ



ତଥା ବାହାରେ ପେଟପାଟଣା ପାଇଁ ଭିଟାମାଟି ଛାଡି ଦାଦନ ଖଟିବାକୁ ଯିବା ଏକାନ୍ତ ଲଜ୍ୟାକର ପ୍ରସଙ୍ଗ । କର୍ମନିଯୁକ୍ତିର ପ୍ରଥମ ପ୍ରୟାସ - କୃଷି ଓ କୃଷକର ଉନ୍ନତି ସାଧନ କରିବା । ତେଣୁ ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ନଦୀବନ୍ଧ ଯୋଜନା, ଉଠା ଜଳସେଚନ ପ୍ରକଳ୍ପ ତଥା ବିଭିନ୍ନ ମାହାରାର ସଂରକ୍ଷିତ ଜଳଶକ୍ତି ବିନିଯୋଗ କରି କୃଷି କ୍ଷେତ୍ରରେ ବହୁଧା ଉନ୍ନତି ସାଧନ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଛନ୍ତି । ଏ ଦିଗରେ ବିଗତ ଦିନର ଧାମନଗର ଛକରେ ପ୍ରସ୍ତାବିତ 'ପଲିଷ୍ଟର ପାର୍କ' ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଜମି ଅଧିଗ୍ରହଣ ଭଳି ଭିତ୍ତିଭୂମି ବିସ୍ତାର ପାଇଁ ସହଯୋଗ କଲେ କେବଳ ଧାମନଗର ନୁହେଁ, ଭଦ୍ରକ ଜିଲ୍ଲା ତଥା ଓଡ଼ିଶାର ବେକାରୀ ସମସ୍ୟା ଦୂରୀଭୂତ ହେବା ସଂଗେ ସଂଗେ ପୂର୍ବ ଭାରତର ଆଉ ଏକ 'ସୁରତ' ସହର ଭଳି ସମ୍ଭାବନା ସୃଷ୍ଟି ହୋଇ ପାରିବ ବୋଲି ଶ୍ରୀ ସେଠୀ କହିଛନ୍ତି ।

# 'ମୋନା' ପକ୍ଷରୁ ବିଶ୍ୱ ତମାଖୁ ଦିବସ ପାଳିତ

ବାଲେଶ୍ୱର,୧/୬(ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ (ମୋନା) ବାଲେଶ୍ୱର ଶାଖାର ଜିଲ୍ଲା ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଏକ ବିଶେଷ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସଂପାଦିକା ମମତା ମହାପାତ୍ର ତମାଖୁ ସେବନ ଦ୍ୱାରା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବାର ଚିତ୍ର ଉପସ୍ଥାପନ କରିଥିଲେ । ବକ୍ତାମାନେ 'ବିଶ୍ୱ ତମାଖୁ ଦିବସ' ପାଳନର ତାତ୍ପର୍ଯ୍ୟ ଓ ଉପାଦେୟତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏଥି ସହ ଜିଲ୍ଲା ପ୍ରଶାସନ ଓ ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଠାରେ ବାଲେଶ୍ୱରକୁ ତମାଖୁ ମୁକ୍ତ ଜିଲ୍ଲା ଭାବରେ ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କରାଯିବାକୁ ଦାବି କରିଥିଲେ । ଏହି ବିଶେଷ ଅଧିବେଶନରେ ବାଲେଶ୍ୱରରୁ ନବ ନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଯାଇଥିଲେ ଏବଂ କେନ୍ଦ୍ର ପ୍ରାକୃତିକ ଓ ପେଟ୍ରୁଲିଅମ ତଥା ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତଉଧର୍ମେନ୍ଦ୍ର ପ୍ରଧାନ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସହ ପ୍ରାଣୀ ଓ ମତ୍ସ୍ୟ ସଂପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଭାବେ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ହେମଲତା ଦାସ, ପ୍ରଫୁଲ୍ଲ ଦାସ, ସୀତାନାଥ ଦାସ, ପ୍ରତାପ ମହାନ୍ତି, ସ୍ୱର୍ଣ୍ଣଲତା ସ୍ୱାଇଁ, ଗୀତାଞ୍ଜଳି ସିଂହ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ । କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗୁଳାଇ ମଦ ଦୋକାନ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦ୍ରାପଡ଼ା,୧/୬(ନିପ୍ର):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଠାରେ ଥିବା ଠିକିବନ୍ଦ ମଦ ଦୋକାନକୁ ବନ୍ଦ କରିବାକୁ ଶୁକ୍ରବାର ମହିଳାମାନେ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି, ଅଙ୍ଗୁଳାଇ ଓ ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ, ଅଳାଇଲୋ ପ୍ରଭୃତି ଗ୍ରାମପଂଚାୟତର ମହିଳାମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ ଯେ ଅଙ୍ଗୁଳାଇ ଠାରେ ଥିବା ସରକାରୀ ମଦ ଦୋକାନକୁ ଜନଆନ୍ଦୋଳନ ଯୋଗୁ ଗତ ୨୦୧୮ମସିହା ଜୁନ ମାସ ରେ ପ୍ରଶାସନ ବନ୍ଦ କରିଦେଇଥିଲା ଏବଂ ସଂପୃକ୍ତ ମଦ ଦୋକାନୀକୁ ଅନ୍ୟତ୍ର ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେସ ଦେଇଥିଲା । କିନ୍ତୁ ସେହି ମଦ ଦୋକାନୀ



ଏବେ ପୁନର୍ବାର ଅଙ୍ଗୁଳାଇ ଗ୍ରାମରେ ମଦ ଦୋକାନ ଖୋଲିବାକୁ ଯାଉଥିବାରୁ ତାହାର ପ୍ରତିବାଦରେ ଜିଲ୍ଲା ପ୍ରଶାସନକୁ ମହିଳାମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସେହି ଗ୍ରାମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଦେବାଦେବୀ ମନ୍ଦିର,ଗାଧୁଆ ପୋଖରୀ ପ୍ରଭୃତି ରହିଥିବା ବେଳେ ସେଠାରେ ଶାନ୍ତିଭଙ୍ଗ ନିମନ୍ତେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆନଯିବାକୁ ସେମାନେ ଦାବି କରିଥିଲେ । ଯଦି ଏଭଳି କରାଯାଏ ତେବେ ସେମାନେ ସେହି ମଦ ଦୋକାନ ବନ୍ଦ କରିବା ସହ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ।

# ଚାଉଳ ଫେରାଇନଥିବା ୫ ମିଲରଙ୍କ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ନେବାକୁ ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଛତ୍ରପୁର,୧।୬(ନି.ପ୍ର):** ଜିଲାର ୫ ମିଲର ଧାନ ନେଇ ମିଲିଂ କରି ଚାଉଳ ଫେରାଇନାହାଁନ୍ତି । ଏନେଇ ଓଡିଶା ରାଜ୍ୟ ଯୋଗାଣ ନିଗମ ଠାରୁ ବାରମ୍ବାର ନିର୍ଦ୍ଦେଶନାମା ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ପତ୍ର ଆସିଛି । ଯେଉଁ ମିଲର ମିଲିଂ କରି ଚାଉଳ ଫେରାଇନାହାଁନ୍ତି ସେମାନଙ୍କ ଠାରୁ ଚାଉଳ ବାବଦରେ ଟଙ୍କା ଆଦାୟ କରିବାକୁ କୁହାଯାଇଛି । ମିଲର ଗୁଡିକ ହେଲା ବଡକୁଶସ୍ଥଳୀର ଶଙ୍କର ରାଇସ୍ ମିଲ୍ ୫ ଲକ୍ଷ ୬୨ ହଜାର ୭୮୩ ଟଙ୍କା, ମାଁ କାଳି ରାଇସ୍ ମିଲ୍ ୨୬ ଲକ୍ଷ ୧୧ ହଜାର ୮୬୭ ଟଙ୍କା, ମାଝିଗାଁର ସୁବାସରାଇସ୍ ମିଲ୍ ୧୨ ଲକ୍ଷ ୧୬୨ ଟଙ୍କା , ନାରାୟଣୀ ରାଇସ୍ ମିଲ୍ ୩ ଲକ୍ଷ ୬୨ ହଜାର ୪୬୭ ଟଙ୍କା ଓ ପୋଲସରା ବ୍ଲକ ଲକ୍ଷ୍ମଣପଲ୍ଲୀ ର ମା ଫୁଲ ଠାକୁରାଣୀ ରାଇସ୍ ମିଲ୍ ୭ ଲକ୍ଷ ୨୨ ହଜାର ୯୩୭ ଟଙ୍କା ଚାଉଳ ପୈଠ ନ କରିବା ବାବଦରେ ନିଗମକୁ ଦେବାକୁ ବାକି ରହିଛି । ମାତ୍ର ଜିଲା ଯୋଗାଣ ଅଧିକାରୀ ମିଲରଙ୍କ ଠାରୁ ଟଙ୍କା ଆଦାୟ କରିବା ଦୂରର କଥା କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏନେଇ କୌଣସି ରିପୋର୍ଟ ମଧ୍ୟ ଯୋଗାଣ ଅଧିକାରୀଙ୍କ ପକ୍ଷରୁ ଓଡିଶା ଯୋଗାଣ ନିଗମ ଲିମିଟେଡ ର କର୍ତ୍ତୁପକ୍ଷଙ୍କୁ ପଠାଯାଉନି । ଯାହାଫଳରେ ଯୋଗାଣ ନିଗମର କର୍ତ୍ତୁପକ୍ଷ ଗଂଜାମ ଜିଲା ଯୋଗାଣ ଅଧିକାରୀଙ୍କ ଉପରେ ଅସନ୍ତୁଷ୍ଟ ପ୍ରକାଶ କରାଯାଇଛି । ପୂର୍ବରୁ ଏମାନଙ୍କ ବିରୁଦ୍ଧରେ ଚାଉଳ ବାବଦରେ ଟଙ୍କା ନଆଦାୟ ହେଲେ ସମ୍ପୃକ୍ତ ମିଲର ଙ୍କ ନାଁ ରେ ସ୍ଥାନୀୟ ଥାନାରେ ଏତଲା ଦେବା ସହ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ଏନେଇ ବାରମ୍ବାର ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଗଂଜାମ ସିଏସଓଙ୍କ ନିଟକୁ ୨୦୧୮ ରୁ ଏଯାବତ ୧୦ ରୁ ଉର୍ଦ୍ଧ୍ୱ ଚିଠି ଆସିଥିବା ଜଣାପଡିଛି । ପୁଣି ଏହା ଉପରେ ପଦକ୍ଷେପ ନେଇ ରିପୋର୍ଟ ଦାଖଲ କରିବାକୁ ଓଡିଶା ରାଜ୍ୟ ଯୋଗାଣ ନିଗମ ର ଜେନେରାଲ ମେନେଜର (ପିଡିଏସ) ସନ୍ତୋଷ କୁମାର ଦାଶଙ୍କ ପକ୍ଷରୁ ଶୁକ୍ରବାର (ଚିଠି ନଂ-୭୭୯୩, ୭୭୯୫, ୭୭୯୭, ୭୭୯୯, ୭୮୦୧, ୭୮୦୩) ଆସିଛି । ଧାନ ନେଇ ଚାଉଳ ଦେଇନଥିବା ମିଲରଙ୍କ କଣ କାର୍ଯ୍ୟାନୁଷ୍ଠାନ ନେଇଛ ରିପୋର୍ଟ ଦେବାକୁ ଉକ୍ତ ଚିଠି ରେ ଉଲେଖ ରହିଛି ।

